ଆଜି - ରବିବାର
ତାରିଖ - ୧୨ ଜୁଲାଇ ୨୦୨୬
ମାସ - ମିଥୁନ, ଦିନ - ୨୮
ତିଥି - ତ୍ରୟୋଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ରୋହିଣୀ, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୯: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମୁଁ ମୋ ନିଜକୁ ଜଣେ ଶ୍ରମିକ ବୋଲି କୁହେ, କାରଣ ଚରଖା ଚଳାଇବା, ସୂତା କାଟିବା, ଚାଷକାମ କରିବା ଏବଂ ସଫେଇ କର୍ମଚାରୀ କହିବାରେ ଗର୍ବ ଅନୁଭବ କରେ "

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 89 R.N.I. REGD. No. 44026/86 ବାଲେଶ୍ୱର ୧୨ ଜୁଲାଇ ୨୦୨୬ ରବିବାର BALASORE 12 JULY 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଭାରତ-ନ୍ୟୁଜିଲ୍ୟାଣ୍ଡ ମିଳିତ ପ୍ରେସ୍ ବିବୃତି

ନୂଆଦିଲ୍ଲୀ : ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ୍‌ଙ୍କ ନିମନ୍ତ୍ରଣରେ, ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୧୦ ଏବଂ ୧୧ ଜୁଲାଇ ୨୦୨୬ରେ ନ୍ୟୁଜିଲ୍ୟାଣ୍ଡର ଅକଲ୍ୟାଣ୍ଡକୁ ସରକାରୀ ଗସ୍ତରେ ଯାଇଛନ୍ତି । ୪୦ ବର୍ଷ ମଧ୍ୟରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନ୍ୟୁଜିଲ୍ୟାଣ୍ଡକୁ ଏହା ପ୍ରଥମ ଗସ୍ତ, ଯାହା ଏକ ଐତିହାସିକ ମାଇଲଖୁଂଟ ଏବଂ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ସ୍ଥାୟୀ ବନ୍ଧୁତା ଏବଂ ସହଭାଗୀତାର ଏକ ନୂତନ ଦିଗ ନିର୍ଦ୍ଧାରଣ କରିଛି । ଗସ୍ତ ସମୟରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗଭର୍ଣ୍ଣମେଂଟ ହାଉସ୍‌ରେ ଆନୁଷ୍ଠାନିକ ସ୍ୱାଗତ କରାଯାଇଥିଲା । ସେ ପ୍ରଧାନମନ୍ତ୍ରୀ ଲକ୍ସନ୍‌ଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ, ବାଣିଜ୍ୟ ନେତା ଏବଂ ନ୍ୟୁଜିଲ୍ୟାଣ୍ଡରେ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ ତଥା ନ୍ୟୁଜିଲ୍ୟାଣ୍ଡର କ୍ରୀଡ଼ା ସହ ଜଡିତ ନବାଚାରର ପ୍ରଦର୍ଶନ ଦେଖିଥିଲେ । ଉଭୟ ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୨୦୨୫ରେ ପ୍ରଧାନମନ୍ତ୍ରୀ ଲକ୍ସନ୍‌ଙ୍କ ଭାରତ ଗସ୍ତକୁ ମନେ ପକାଇଥିଲେ, ଯେଉଁ ସମୟରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଆରମ୍ଭ କରିଥିଲେ ଏବଂ ପ୍ରତିରକ୍ଷା, ଶିକ୍ଷା, କଷ୍ଟମ, ଉଦ୍ୟାନ କୃଷି, ବନୀକରଣ ଏବଂ କ୍ରୀଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ



କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଦୀର୍ଘସ୍ଥାୟୀ ବନ୍ଧୁତା, ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ଲୋକଙ୍କ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସମାନ ସ୍ୱାର୍ଥକୁ ସ୍ୱୀକୃତି ଦେଇ, ଦୁଇ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ସମ୍ପର୍କକୁ 'ରଣନୈତିକ ସହଭାଗୀତା' ସ୍ତରକୁ ଉନ୍ନୀତ କରିବାକୁ ନିଷ୍ପତି ନେଇଥିଲେ । ତେଣୁ ସେମାନେ ଆଗାମୀ ଚାରି ବର୍ଷ ମଧ୍ୟରେ ମିଳିତ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ପାଇଁ ଏକ ଢ଼ାଂଚା ଭାବରେ 'ଭାରତ-ନ୍ୟୁଜିଲ୍ୟାଣ୍ଡ ରଣନୈତିକ ସହଭାଗୀତା: ୨୦୩୦ର ରୋଡମ୍ୟାପ'କୁ ଅନୁମୋଦନ କରିଥିଲେ । ଦୁଇ ପ୍ରଧାନମନ୍ତ୍ରୀ ରଣନୈତିକ ସହଭାଗୀତା ପାଇଁ ଏକ ମହତ୍ୱାକାଂକ୍ଷୀ ତଥା ଦୀର୍ଘକାଳୀନ ଦୃଷ୍ଟିକୋଣ ପ୍ରତି ସହମତ ହୋଇଛନ୍ତି । ଏହାର ଉଦ୍ଦେଶ୍ୟ ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା, ବିଦ୍ୟମାନ ସହଯୋଗ ତନ୍ତ୍ରକୁ ମଜବୁତ କରିବା ଏବଂ ଦ୍ୱିପାକ୍ଷିକ ତଥା ବହୁପାକ୍ଷିକ ଭାବରେ ସହଯୋଗକୁ ଗଭୀର କରିବା ପାଇଁ ନୂତନ ମାର୍ଗ ଅନୁସନ୍ଧାନ କରିବା । ଦୁଇ ପ୍ରଧାନମନ୍ତ୍ରୀ ଉଚ୍ଚସ୍ତରୀୟ ରାଜନୈତିକ ସମ୍ପର୍କ ବୃଦ୍ଧିକୁ ସ୍ୱାଗତ କରିଛନ୍ତି ଏବଂ ଆଂଚଳିକ ତଥା ବହୁପାକ୍ଷିକ କାର୍ଯ୍ୟକ୍ରମ ସମୟରେ ମଧ୍ୟ ଦୁଇ ଦେଶର ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ନିୟମିତ ପାରସ୍ପରିକ ଗସ୍ତ ଓ ବୈଠକ କରିବାକୁ ସହମତ ହୋଇଛନ୍ତି । ସମ୍ପର୍କକୁ ରଣନୈତିକ ମାର୍ଗଦର୍ଶନ ପ୍ରଦାନ କରିବା ଏବଂ 'ରୋଡମ୍ୟାପ ୨୦୩୦' ଅନୁଯାୟୀ ହୋଇଥିବା ପ୍ରଗତିର ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀମାନେ ବୈଦେଶିକ ମନ୍ତ୍ରୀମାନଙ୍କର ଏକ ନିୟମିତ ଆଲୋଚନା ଆରମ୍ଭ କରିବାକୁ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତଥା ନ୍ୟୁଜିଲ୍ୟାଣ୍ଡର ବୈଦେଶିକ ବ୍ୟାପାର ତଥା ବାଣିଜ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ବୈଠକର ଅଭ୍ୟାସକୁ ସୁଦୃଢ଼ କରିବାକୁ ସହମତ ହୋଇଛନ୍ତି । ଦୁଇ ପ୍ରଧାନମନ୍ତ୍ରୀ ଭାରତ-ନ୍ୟୁଜିଲ୍ୟାଣ୍ଡ ସମ୍ପର୍କର ଗଣତାନ୍ତ୍ରିକ ଭିତିଭୂମିକୁ ଗଭୀର ତଥା ମଜବୁତ କରିବା ପାଇଁ ସଂସଦୀୟ ଆଦାନପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକାର କରିଛନ୍ତି । ସେମାନେ ଉଭୟ ଦେଶର ସଂସଦ ମଧ୍ୟରେ ନିୟମିତ ସମ୍ପର୍କକୁ ଉତ୍ସାହିତ କରିଛନ୍ତି, ଯେଉଁଥିରେ ଭାରତୀୟ ସଂସଦରେ ନ୍ୟୁଜିଲ୍ୟାଣ୍ଡ ପାଇଁ ସମ୍ପ୍ରତି ଗଠିତ ସଂସଦୀୟ ବନ୍ଧୁତା ଗୋଷ୍ଠୀ ଏବଂ ସାଂସଦମାନଙ୍କର ଗସ୍ତ ଅନ୍ତର୍ଭୁକ୍ତ । ଉଭୟ ପ୍ରଧାନମନ୍ତ୍ରୀ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗରେ ହୋଇଥିବା ପ୍ରଗତିକୁ ସ୍ୱାଗତ କରିଛନ୍ତି, ଯେଉଁଥିରେ ପ୍ରତିରକ୍ଷା ସହଯୋଗ ଉପରେ ୨୦୨୫ର ଭାରତ-ନ୍ୟୁଜିଲ୍ୟାଣ୍ଡ ବୁଝାମଣାପତ୍ର କାର୍ଯ୍ୟକାରୀ କରିବା ଅନ୍ତର୍ଭୁକ୍ତ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁମାର ମଙ୍ଗଳମ୍ ବିର୍ଲା

### କଂସାରୀଗୁଡ଼ାରେ ୧୨ହଜାର କୋଟିର ନୂଆ ପୁଞ୍ଜିନିବେଶ ପ୍ରସ୍ତାବ

ଭୁବନେଶ୍ୱର : ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ବୈଠକରେ ଓଡ଼ିଶାରେ ଗ୍ରୁପ୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବୃହତ୍ ପ୍ରକଳ୍ପର ସମୀକ୍ଷା ସହ ସେ ଗୁଡ଼ିକର ଶୀଘ୍ର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ବୈଠକର ଏକ ପ୍ରମୁଖ ନିଷ୍ପତି ଭାବେ ରାୟଗଡ଼ା ଜିଲ୍ଲାର କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନିର୍ମାଣାଧୀନ ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀର ସମ୍ପ୍ରସାରଣ ପ୍ରସ୍ତାବ ରଖାଯାଇଥିଲା । ପ୍ରାରମ୍ଭରେ ଏହି ପ୍ରକଳ୍ପ ୧ ମିଲିୟନ ଟନ ବାର୍ଷିକ କ୍ଷମତା ଏବଂ ପ୍ରାୟ ୮,୦୦୦ କୋଟି ଟଙ୍କା ବିନିଯୋଗ ସହ ଯୋଜନା କରାଯାଇଥିଲା । ବର୍ତ୍ତମାନ ପ୍ରକଳ୍ପର ଦୀର୍ଘ ମିଆଦି ସମ୍ଭାବନା ଏବଂ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ଗ୍ରୁପ୍ ପକ୍ଷରୁ ଅତିରିକ୍ତ ପ୍ରାୟ ୧୨,୦୦୦କୋଟି ଟଙ୍କା ବିନିଯୋଗ କରି ଆଉ ୨ ମିଲିୟନ ଟନ କ୍ଷମତା ବୃଦ୍ଧି କରିବାର ପ୍ରସ୍ତାବ ଦିଆଯାଇଛି । ଏହି ସମ୍ପ୍ରସାରଣ



ପରେ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ୩ ମିଲିୟନ ଟନ ପ୍ରତି ବର୍ଷକୁ ବୃଦ୍ଧି ପାଇବ ଏବଂ ମୋଟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କାରେ ପହଂଚିବ । ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବହୁ ସଂଖ୍ୟକ ରୋଜଗାର ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗୀ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ପାଇଁ ନୂଆ ସୁଯୋଗ ଦେବ । ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ଓଡ଼ିଶାର ଖଣିଜ ସମ୍ପଦକୁ ଅଧିକ ମୂଲ୍ୟ ସଂଯୋଜନ, ଉନ୍ନତ ଉତ୍ପାଦନ ଓ ଗୁଣବତାପୂର୍ଣ୍ଣ ନିଯୁକ୍ତିରେ ରୂପାନ୍ତରିତ କରିବା ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ପୂରଣରେ ଆଲୁମିନିୟମ୍ ଶିଳ୍ପ ଏକ ମୁଖ୍ୟ ଭୂମିକା ନିଭାଇବ । ସେ ଆହୁରି ମଧ୍ୟ କହିଥିଲେ, ରାଜ୍ୟ କେବଳ ଆଲୁମିନା ଓ ଆଲୁମିନିୟମ୍ ଉତ୍ପାଦନରେ ନୁହେଁ, ବରଂ ରିଫାଇନିଂ, ପ୍ରାଥମିକ ଧାତୁ ଉତ୍ପାଦନ, ଡାଉନଷ୍ଟ୍ରିମ୍ ଏବଂ ଉନ୍ନତ ଉତ୍ପାଦ ନିର୍ମାଣ ସମେତ ସମଗ୍ର ଭାଲ୍ୟୁ ଚେନ୍‌ରେ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି । କଂସାରିଗୁଡ଼ା ରିଫାଇନାରୀ ବିସ୍ତାର ଏହି ଗତିକୁ ଆହୁରି ଶକ୍ତିଶାଳୀ କରିବ ଏବଂ ଓଡ଼ିଶାକୁ ଦେଶର ପ୍ରମୁଖ ଧାତୁ ଓ ଧାତୁ ପ୍ରକ୍ରିୟାକରଣ ହବ୍ ଭାବେ ସ୍ଥାପିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆଦିତ୍ୟ ବିର୍ଲା ଗ୍ରୁପ୍‌କୁ ଆଶ୍ୱାସନା ଦେଇ କହିଥିଲେ ଯେ, ପ୍ରକଳ୍ପର ଶୀଘ୍ର କାର୍ଯ୍ୟାନ୍ୱୟନ ଓ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ ଜାରି ରଖିବେ । ଜମି, ଭିତିଭୂମି, ବିଦ୍ୟୁତ, ପାଣି, ଆବଶ୍ୟକ ସରକାରୀ ଅନୁମୋଦନ ଓ ଅନ୍ୟାନ୍ୟ ସୁବିଧା ସମନ୍ୱିତ ଭାବେ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

## ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀଙ୍କ ସହ ଆନୁଷ୍ଠାନିକ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅକ୍ଲାଣ୍ଡ୍ ସ୍ଥିତ ଗଭର୍ଣ୍ଣମେଂଟ ହାଉସଠାରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ମାନ୍ୟବର କ୍ରିଷ୍ଟୋଫର ଲକ୍ସନଙ୍କୁ ଭେଟିଛନ୍ତି । ଗଭର୍ଣ୍ଣମେଂଟ ହାଉସରେ ପହଂଚିବା ପରେ ତାଙ୍କୁ ସେଠାକାର ପାରମ୍ପରିକ ମାଓରି ଶୈଳୀରେ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ସ୍ୱାଗତ ସମାରୋହରେ ଶାନ୍ତି, ସମ୍ମାନ ଏବଂ ସୌହାର୍ଦ୍ଦ୍ୟର ପ୍ରତୀକ ସ୍ୱରୂପ ପାରମ୍ପରିକ ମାଓରି ରୀତିନୀତି ପ୍ରଦର୍ଶିତ ହୋଇଥିଲା । ଏହି ପାରମ୍ପରିକ ସ୍ୱାଗତ ପରେ ପ୍ରଧାନମନ୍ତ୍ରୀ 'ଗାର୍ଡ ଅଫ୍ ଅନର୍' ପରିଦର୍ଶନ କରିଥିଲେ । ଦୁଇ ପ୍ରଧାନମନ୍ତ୍ରୀ ସୀମିତ ଏବଂ ପ୍ରତିନିଧି ମଣ୍ଡଳୀ ସ୍ତରୀୟ ଫର୍ମାଟରେ ବ୍ୟାପକ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ । ଏହି ଆଲୋଚନାରେ ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଏବଂ ସୁରକ୍ଷା, କୃଷି-ପ୍ରଯୁକ୍ତି, କ୍ରୀଡ଼ା, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ସହିତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ



ଦିଗ ସାମିଲ ଥିଲା । ଭାରତ-ନ୍ୟୁଜିଲାଣ୍ଡ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରି ଦ୍ୱିପାକ୍ଷିକ ସମ୍ପର୍କକୁ ରଣନୈତିକ ସହଯୋଗିତାରେ ପରିଣତ କରିବାକୁ ଉଭୟ ରାଜି ହୋଇଥିଲେ । ପାରସ୍ପରିକ ସ୍ୱାର୍ଥ ନିହିତଥିବା କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଗଭୀର କରିବା ପାଇଁ ସେମାନେ ନିଜର ପ୍ରତିବଦ୍ଧତାକୁ ଦୋହରାଇଥିଲେ । ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉପରେ ଦୁଇ ନେତା ଗୁରୁତ୍ୱାରୋପ କରିଥିଲେ । ଦୁଇ ପ୍ରଧାନମନ୍ତ୍ରୀ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ଏହା ସହିତ ସେମାନେ ଆଂଚଳିକ ତଥା ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ଆଲୋଚନା କରିଥିଲେ ଏବଂ ବହୁପାକ୍ଷିକ ମଂଚଗୁଡ଼ିକରେ ସହଯୋଗକୁ ମଜବୁତ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଆଲୋଚନା ପରେ, ଦୁଇ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ପ୍ରତିରକ୍ଷା ଏବଂ ସାମୁଦ୍ରିକ ସୁରକ୍ଷା, ହାଇଡ୍ରୋଗ୍ରାଫି, କ୍ରୀଡ଼ା, ବିପର୍ଯ୍ୟୟ ପରିଚାଳନା, ଦୁଗ୍ଧ ଉଦ୍ୟୋଗ, ପର୍ଯ୍ୟଟନ, ସାମୁଦ୍ରିକ ଐତିହ୍ୟ, ସଂସ୍କୃତି, ଖାଦ୍ୟ ପ୍ରଯୁକ୍ତିବିଦ୍ୟା ଏବଂ ସମୁଦ୍ର ଗବେଷଣା କ୍ଷେତ୍ରରେ କେତେକ ବୁଝାମଣାପତ୍ର ଏବଂ ସହମତି ସ୍ୱାକ୍ଷରିତ ହୋଇଥିଲା । ଏହି ସଫଳତାର ତାଲିକା ଏଠାରେ ଦେଖାଯାଇପାରିବ । ଦ୍ୱିପାକ୍ଷିକ ସହଭାଗିତାର ଆଗାମୀ ପନ୍ଥା ଉପରେ ଦୁଇ ନେତାଙ୍କ ଦ୍ୱାରା ଏକ ମିଳିତ ବିବୃତି ମଧ୍ୟ ଗ୍ରହଣ କରାଯାଇଥିଲା ।

## ନୂଆଦିଲ୍ଲୀରେ ଜୟପ୍ରକାଶ ନାରାୟଣ ପୁସ୍ତକାଳୟର ଉଦ୍‌ଘାଟନ କଲେ ଅମିତ ଶାହ

ନୂଆଦିଲ୍ଲୀ : କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ନୂଆଦିଲ୍ଲୀଠାରେ 'ଜୟପ୍ରକାଶ ନାରାୟଣ ପୁସ୍ତକାଳୟ' ଉଦଘାଟନ କରିଛନ୍ତି । ଏହି ଅବସରରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା, ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ଶ୍ରୀ ପରବେଶ ବର୍ମା, ନୂଆଦିଲ୍ଲୀ ନଗରପାଳିକା ପରିଷଦ (ଏନ୍. ଡି. ଏମ୍. ସି.)ର ଅଧ୍ୟକ୍ଷ ଶ୍ରୀ କେଶବ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ କୌଣସି ଦେଶର ଭବିଷ୍ୟତ କୃଷି, ବଜାର କିମ୍ବା ଶିଳ୍ପ ଦ୍ୱାରା ନିର୍ଦ୍ଧାରିତ ହୋଇନଥାଏ, ବରଂ ଏହାର ପାଠାଗାରରେ ଏକତ୍ରିତ ହେଉଥିବା ଯୁବକମାନଙ୍କ ଭିଡ଼ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ସେ କହିଥିଲେ ଯେ ରାଷ୍ଟ୍ରକୁ ଆଗକୁ ନେଉଥିବା, ରାଷ୍ଟ୍ର ନିର୍ମାଣ କରୁଥିବା ଏବଂ ରାଷ୍ଟ୍ରକୁ ଗୌରବ ପ୍ରଦାନ କରୁଥିବା ସମସ୍ତ କାର୍ଯ୍ୟକଳାପ ଜ୍ଞାନ ଏବଂ ବିବେକରେ ନିହିତ । କେବଳ ଏକ ପାଠାଗାର ହିଁ ଏହି ଜ୍ଞାନ ପ୍ରଦାନ କରିପାରିବ । ଶ୍ରୀ ଶାହ



ଯୁବ ପିଢ଼ିକୁ ଥରେ ପୁସ୍ତକାଳୟରେ ଯୋଗଦେବାକୁ ନିବେଦନ କରିଥିଲେ । ପଢ଼ିବାର ଅଭ୍ୟାସ ସୃଷ୍ଟି ହେବା ମାତ୍ରେ ଭଲ ଏବଂ ମନ୍ଦର ବିବେକ ନିଜେ ନିଜେ ଜାଗ୍ରତ ହୋଇଯିବ । ନିଜର ଅଭିଜ୍ଞତା ବାଂଟି ଗୃହମନ୍ତ୍ରୀ କହିଥିଲେ ଯେ ଯେଉଁ ଛୋଟ ସହରରେ ସେ ଜନ୍ମ ଗ୍ରହଣ କରିଥିଲେ ଏବଂ ତାଙ୍କ ବାଲ୍ୟକାଳ ଅତିବାହିତ କରିଥିଲେ, ସେଠାରେ ଏକ ସମୃଦ୍ଧ ପାଠାଗାର ଥିଲା । ସେ କହିଥିଲେ ଯେ ସେହି ପାଠାଗାର ସହିତ ତାଙ୍କର ସମ୍ପର୍କ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା । ସେ କହିଥିଲେ ଯେ 'ଆଲାଦିନ୍ ଆଣ୍ଡ୍ ଦି ମ୍ୟାଜିକାଲ୍ ଚିରାଗ୍', 'ଅଲିବାବା ଆଣ୍ଡ୍ ଦି ଫର୍ଟି ଥିଭସ୍, 'ଦି ଜର୍ଣ୍ଣି ଅଫ୍ ସିନ୍ଦବାଦ ' ଭଳି ପୁସ୍ତକ ପଢୁଥିବାବେଳେ ସେ ଜାଣିନଥିଲେ ଯେ ତାଙ୍କର ଅଧ୍ୟୟନ ଯାତ୍ରା କେବେ ବେଦ ଏବଂ ଉପନିଷଦରେ ପହଂଚିଥିଲା । କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଆଜି ସଭାଗୃହରେ ସେ ଏକ ବାକ୍ୟ ଦେଖିଥିଲେ, ଯେଉଁଥିରେ ଲେଖା ଥିଲା, 'କହିବା ପୂର୍ବରୁ ଚିନ୍ତା କରିବା ଉଚିତ, କାରଣ ଶବ୍ଦ ଆଉ ଫେରିଆସିବ ନାହିଁ' । ସେ କହିଥିଲେ ଯେ କୌଣସି ବାକ୍ୟ କହିବା ପୂର୍ବରୁ ଜଣେ ଚିନ୍ତା କରିବା ଉଚିତ ଏବଂ କ'ଣ ଚିନ୍ତା କରିବା ଉଚିତ ତାହା ଚିନ୍ତା କରିବା ପୂର୍ବରୁ ପଢ଼ିବା ଉଚିତ ଏବଂ ଏହି ସଂସ୍କାର କେବଳ ପାଠାଗାରରୁ ହିଁ ମିଳିପାରିବ । ଶ୍ରୀ ଶାହ କହିଥିଲେ ଯେ ତାଙ୍କ ଜୀବନରେ ଏହି ପାଠାଗାରର ବହୁତ ବଡ଼ ଯୋଗଦାନ ରହିଛି । ସେ କହିଛନ୍ତି ଯେ ତାଙ୍କ ସଂସଦୀୟ କ୍ଷେତ୍ରରେ ସେ ଏକ ଛୋଟ ଉଦ୍ୟମ କରିଛନ୍ତି ।

## ଅଳ୍ପରେ ଖବର

» ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଶନିବାର ଦିନ ଆୟୋଜିତ ଏକ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅତ୍ୟାଧୁନିକ ୭୫% ସ୍ୱଦେଶୀ ଭାବରେ ନିର୍ମିତ ବୁଡ଼ାଜାହାଜ ଆଇଏନଏସ ମହେନ୍ଦ୍ରଗିରିକୁ ଭାରତୀୟ ନୌସେନାକୁ ଉତ୍ସର୍ଗ କରିଛନ୍ତି ।

» ଭୁବନେଶ୍ୱର ବିଜେବି ନଗରରେ ପାଇଖାନା ଟାଙ୍କିରେ ପଡ଼ି ୨ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଛି । ବିଜେବିନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଏହି ଅଘଟଣ ଘଟିଛି ।

## ମେଧା ବଗି କାରଖାନାରେ ଇଞ୍ଜିନିୟର ଓ ଉତ୍ପାଦନ ଦଳ ସହ ମତ ବିନିମୟ କଲେ ରେଳମନ୍ତ୍ରୀ

ନୂଆଦିଲ୍ଲୀ: ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ହାଇଦ୍ରାବାଦ ସ୍ଥିତ 'ମେଧା ବଗି କାରଖାନା' ପରିଦର୍ଶନ କରି ଇଞ୍ଜିନିୟର ଏବଂ ଉତ୍ପାଦନ ଦଳ ସହିତ ଆଲୋଚନା କରିଛନ୍ତି । ଏହି ସମୟରେ ସମୟରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ, ମନ୍ତ୍ରୀ ନିର୍ମାଣ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟର ସମୀକ୍ଷା କରିବା ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ସେ ଉତ୍ପାଦନ ପ୍ରକ୍ରିୟା, ବୈଷୟିକ ଦକ୍ଷତା, ଦକ୍ଷତା ବିକାଶ ପଦକ୍ଷେପ ଏବଂ ଉନ୍ନତ ମାନର ନିର୍ମାଣ କାର୍ଯ୍ୟକୁ ସହଯୋଗ କରିବା ପାଇଁ କର୍ମଚାରୀମାନଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ସମ୍ପର୍କରେ ପ୍ରତ୍ୟକ୍ଷ ମତାମତ ନେଇଥିଲେ । ଶ୍ରୀ ବୈଷ୍ଣବ କର୍ମଚାରୀମାନଙ୍କ ଦୈନନ୍ଦିନ ଦାୟିତ୍ୱ, ସେମାନଙ୍କ ଶିକ୍ଷଣ ଓ ପ୍ରଶିକ୍ଷଣର ଅନୁଭୂତି ଏବଂ ରେଳ କୋଚ୍ ଏବଂ ଏହାର ଯନ୍ତ୍ରାଂଶ ଉତ୍ପାଦନରେ ନିୟୋଜିତ ଇଞ୍ଜିନିୟର ଏବଂ ନିର୍ମାଣକାରୀ ଦଳ ସହ



କାରଖାନା ମଧ୍ୟରେ ଆଧୁନିକ ନିର୍ମାଣ ଶୈଳୀର ପ୍ରୟୋଗ ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ । ଭାରତର ବୃଦ୍ଧି ପାଉଥିବା ରେଳ ଉତ୍ପାଦନ କ୍ଷମତା ପାଇଁ ଏକ ଉଚ୍ଚ ଦକ୍ଷତା ସମ୍ପନ୍ନ ଶ୍ରମଶକ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି, ସେ ଏହି ସମସ୍ତ ଦଳର ନିଷ୍ଠା, ବୈଷୟିକ ଜ୍ଞାନ ଏବଂ ପ୍ରତିବଦ୍ଧତାର ପ୍ରଶଂସା କରିଥିଲେ । ମନ୍ତ୍ରୀ ଉତ୍ପାଦନ ଭିତିଭୂମିର ମଧ୍ୟ ସମୀକ୍ଷା କରିବା ସହ କାରଖାନାର ଗୁଣବତା ମାନଦଣ୍ଡ, ଉତ୍ପାଦନ ପ୍ରଣାଳୀ ଏବଂ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ବିଷୟରେ ସଦ୍ୟତମ ସୂଚନା ଗ୍ରହଣ କରିଥିଲେ ।

## ରଥଯାତ୍ରା ପାଇଁ ଓଡ଼ିଶା ପୋଲିସ ସମ୍ପୂର୍ଣ୍ଣ ପ୍ରସ୍ତୁତ :ଡିଜିପି

ପୁରୀ : ଆସନ୍ତା ଗୁରୁବାର ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା । ମହାପ୍ରଭୁଙ୍କ ରଥଯାତ୍ରା କୁ ଶୃଙ୍ଖଳିତ ଏବଂ ସୁରକ୍ଷିତ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷା, ଟ୍ରାଫିକ ସୁପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ପୋଲିସ ବିଭାଗର । ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ପୁରୀ ଗସ୍ତରେ ଆସି ରଥଯାତ୍ରାରେ ନିୟୋଜିତ ହେବାକୁ ଥିବା ସମସ୍ତ ପୋଲିସ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି । ଏକ ସ୍ୱତନ୍ତ୍ର ବୈଠକରେ ପୋଲିସର ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ପୋଲିସ ଅଧିକାରୀଙ୍କୁ ସଚେତନ କରାଇଛନ୍ତି ପୋଲିସ ମହାନିର୍ଦ୍ଦେଶକ । ମହାପ୍ରଭୁଙ୍କ ରଥଯାତ୍ରାରେ ସାମିଲ୍ ହେବା ପାଇଁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବେ । ଏଣୁ ଶୃଙ୍ଖଳିତ ରଥଯାତ୍ରା ସହିତ ଭକ୍ତଙ୍କୁ ସେବା ଏବଂ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ



ନେଇ କାର୍ଯ୍ୟ କରିବା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ପୋଲିସ ଡିଜି । ଜଗନ୍ନାଥଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରି ସମ୍ପୂର୍ଣ୍ଣ ମାନବୀୟ ବ୍ୟବହାର ପ୍ରଦର୍ଶନ କରିବାକୁ ଡିଜିପି ପୋଲିସ ଅଧିକାରୀଙ୍କୁ ସଚେତନ କରାଇଛନ୍ତି । ତେବେ ପୋଲିସ ଡ଼ିଜିଙ୍କ ସୂଚନା ଅନୁସାରେ ଚଳିତ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ୧୩ ହଜାର ପୋଲିସ କର୍ମଚାରୀ ମୁତୟନ ହେବାକୁ ଥିବା ବେଳେ ୧୯ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କୁ ପୋଲିସ ପରିଚାଳନା ଭାର ଦାୟିତ୍ୱ ଦିଆଯାଇଛି । ସମୁଦ୍ର ପଥରେ ମେରାଇନ ପୋଲିସ ଏବଂ କୋଷ୍ଟ ଗାର୍ଡ ଓ ନ୍ୟାଭି ନଜର ରଖିବେ । ରଥଯାତ୍ରାରେ ସୁରକ୍ଷା ଦାୟିତ୍ୱରେ ଓଡ଼ିଶା ପୋଲିସ ସହିତ ବିଏସଏଫ, ସିଆରପିଏଫ, ଏନ୍ ଏସ୍ ଜି, ରାପିଡ ଆକ୍ସନ ଫୋର୍ସ, ଓଡ଼ିଶା ପୋଲିସର ଏସଟିୟୁ କମାଣ୍ଡୋ, ଡଗ ସ୍କ୍ୱାର୍ଡ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଦାୟିତ୍ୱରେ ରହିବେ । ସେହିପରି ଆକାଶ ମାର୍ଗରୁ ଡ୍ରୋନ୍ ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଉପରେ ନଜର ରଖିବ ପୋଲିସ । ରଥଯାତ୍ରାରେ ୪୭୦ ଟି ଏଆଇ ସିସିଟିଭି କ୍ୟାମେରା ଦ୍ୱାରା ସମ୍ପୂର୍ଣ୍ଣ ପୁରୀ ସହର ଏବଂ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ଉପରେ କଡ଼ା ନଜର ରଖାଯିବ । ଚଳିତବର୍ଷ ରଥଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବାକୁ ଥିବାରୁ ହଜାର ହଜାର ସଂଖ୍ୟାରେ ଯାନବାହାନ ଯାତାୟାତ କରିବ । ଏଣୁ ପୁରୀରେ ୨୭ ଟି ସ୍ଥାନରେ ଦୁଇଚକିଆ, ଚାରିଚକିଆ ଯାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି । ପୁରୀ ସହର ଭିତରକୁ ୪ ଟି ଜୋନ୍ ରେ ଏବଂ ୫ ଟି ଜୋନ୍ ରେ ପୁରୀ ସହର ବାହାରକୁ ବିଭକ୍ତ କରାଯାଇ ଟ୍ରାଫିକ ସୁପରିଚାଳନା କରାଯିବ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳିତ




ବାଲେଶ୍ୱର, (ନି.ପ୍ର.): ଉଚ୍ଚଶିକ୍ଷା, ଗବେଷଣା, ସାହିତ୍ୟ, ନବସୃଜନ ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାରୋହର ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ହିନ୍ଦୀ ସାହିତ୍ୟିକ, ସାମ୍ବାଦିକ ଓ ସାହିତ୍ୟ ସମ୍ପାଦକ ଶ୍ରୀ ବଳରାମ ପ୍ରେମ ନାରାୟଣଙ୍କୁ 'ଫକୀରମୋହନ ଜାତୀୟ ସାହିତ୍ୟ ସମ୍ମାନ-୨୦୨୬' ପ୍ରଦାନ । ମୁଖ୍ୟ ଅତିଥି ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଭାରତୀୟ ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅନନ୍ୟ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ଓଡ଼ିଆ ସାହିତ୍ୟିକ ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଡ଼କ୍ଟର ସୋମା ଚାନ୍ଦଙ୍କୁ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅବିସ୍ମରଣୀୟ ଅବଦାନ ପାଇଁ 'ବ୍ୟାସ ଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା । ସମକାଳୀନ କଥାସାହିତ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସଙ୍କୁ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ଯୁବ ଗଳ୍ପିକା ପୁରସ୍କାର-୨୦୨୬', ଶ୍ରୀ ବାବୁଲ କୁମାର କବିଙ୍କୁ 'ମନୋଜ ନବ ପ୍ରତିଭା କବିତା ପୁରସ୍କାର-୨୦୨୬', ଶ୍ରୀମତୀ ସୋନାଲି ନାୟକଙ୍କୁ 'ଜୟନ୍ତ ମହାପାତ୍ର କବିତା ପୁରସ୍କାର-୨୦୨୬' ଏବଂ ଶ୍ରୀମତୀ ରାଜଲକ୍ଷ୍ମୀ ବେହେରାଙ୍କୁ 'ଡ଼କ୍ଟର ପ୍ରସନ୍ନ କୁମାର ସ୍ମାରକ ପୁରସ୍କାର-୨୦୨୬' ପ୍ରଦାନ କରାଯାଇଥିଲା । ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ, ଓଡ଼ିଆ ପ୍ରବନ୍ଧ, ଇଂରାଜୀ ପ୍ରବନ୍ଧ ଓ ଓଡ଼ିଆ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଆନ୍ତଃବିଶ୍ୱବିଦ୍ୟାଳୟ କର୍ମଚାରୀ ଭଲିବଲ୍ ପ୍ରତିଯୋଗିତାର ବିଜେତା ଦଳମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଚାମ୍ପିଅନ୍ ହୋଇଥିବାବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପବିଜେତା ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଉପବିଜେତା ହୋଇଥିଲା । ଶ୍ରେଷ୍ଠ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ, କୁଳପତି କପ୍ ବିତର୍କ ପ୍ରତିଯୋଗିତା ଓ ବିଭିନ୍ନ ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର ବିଜେତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ୨୦୨୪, ୨୦୨୫ ଓ ୨୦୨୬ ଶିକ୍ଷାବର୍ଷ ପାଇଁ ଶଲ୍ୟଚିକିତ୍ସା ଓ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଚିତ୍ରମଣି ପାଣିଗ୍ରାହୀ ଓ ଡକ୍ଟର ଦୀନବନ୍ଧୁ ପାଣିଗ୍ରାହୀ ସ୍ମୃତି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା । ସମ୍ମାନ ଗ୍ରହଣ ପରେ ଡ଼କ୍ଟର. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ଼କ୍ଟର ସୋମା ଚାନ୍ଦ ଓ ଶ୍ରୀମତୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ବିଶ୍ୱବିଦ୍ୟାଳୟ ପ୍ରତି କୃତଜ୍ଞତା ଜଣାଇବା ସହ ସାହିତ୍ୟ ଓ ଜ୍ଞାନଚର୍ଚ୍ଚାର ବିକାଶ ପାଇଁ ନିଜର ପ୍ରତିବଦ୍ଧତା ପୁନଃବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟକୁ ୧୭ ଆସନ ବିଶିଷ୍ଟ ବୈଦ୍ୟୁତିକ ଯାନ ଦାନ କରିଥିବା ୟୁକୋ ବ୍ୟାଙ୍କର ବାଲେଶ୍ୱର କ୍ଷେତ୍ରୀୟ ମୁଖ୍ୟ ତଥା ସହକାରୀ ମହାପ୍ରବନ୍ଧକ ଶ୍ରୀ ନୀତିଶ କୁମାର ମହାନ୍ତିଙ୍କୁ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ସନ୍ତୋଷ ଖଟୁଆ ନିଜ ଅଭିଭାଷଣ ପ୍ରଦାନ କରି, ଉଚ୍ଚମାନର ଶିକ୍ଷା, ଗବେଷଣା, ନବସୃଜନ ଓ ସାହିତ୍ୟ ସଂସ୍କୃତିର ବିକାଶ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଉଲ୍ଲେଖନୀୟ ପ୍ରୟାସର ପ୍ରଶଂସା କରିବା ସହ ଆଗାମୀ ଦିନରେ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଥିଲେ । ସମାରୋହରେ 'ଫକୀରମୋହନ ବିଶ୍ୱବିଦ୍ୟାଳୟ ବାର୍ଷିକ ବିବରଣୀ-୨୦୨୫-୨୬' ଓ 'ଫକୀରମୋହନ ଶବ୍ଦାବଳୀ' ଉନ୍ମୋଚିତ ହୋଇଥିଲା । ଏହି ପ୍ରକାଶନରେ ବିଶ୍ୱବିଦ୍ୟାଳୟର ବାର୍ଷିକ ଶିକ୍ଷାଗତ ସଫଳତା, ଗବେଷଣା ଉପଲବ୍ଧି ଓ ବିଭିନ୍ନ ପ୍ରତିଷ୍ଠାନଗତ ପଦକ୍ଷେପ ସ୍ଥାନ ପାଇଛି । ମୁଖ୍ୟ ବକ୍ତା ଶ୍ରୀ ବଳରାମ ପ୍ରେମ ନାରାୟଣ ବ୍ୟାସକବି ଫକୀରମୋହନ ସେନାପତିଙ୍କୁ ଭାରତୀୟ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ସ୍ରଷ୍ଟା ଭାବେ ଅଭିହିତ କରି ତାଙ୍କର ସମସ୍ତ ସାହିତ୍ୟକୃତିକୁ ହିନ୍ଦୀ ଭାଷାରେ ଅନୁବାଦ କରି ପ୍ରକାଶ କରିବାର ଘୋଷଣା କରିଥିଲେ । ସେ ବିଶ୍ୱବିଦ୍ୟାଳୟର ଆମନ୍ତ୍ରଣ ଗ୍ରହଣ କରି ଆଗାମୀ ଦିନରେ ଅତିଥି ଅଧ୍ୟାପକ ଭାବେ ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ନିଜର ସହଯୋଗ ଜାରି ରଖିବାକୁ ସମ୍ମତି ମଧ୍ୟ ପ୍ରକାଶ କରିଥିଲେ । ଏଥିସହ କୁଳାଧିପତି ଡ଼କ୍ଟର ହରିବାବୁ କମ୍ଭମପତିଙ୍କ ବାର୍ତ୍ତାକୁ ପ୍ରଫେସର ନିହାର ରଞ୍ଜନ ରାଉତ ପାଠ କରି ଶୁଣାଇଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଅଭିଭାଷଣରେ ଉଚ୍ଚମାନର ଶିକ୍ଷା, ଗୁଣାତ୍ମକ ଗବେଷଣା, ନବସୃଜନ, ଡିଜିଟାଲ୍ ପରିବର୍ତ୍ତନ, ଶିଳ୍ପାନୁଷ୍ଠାନ ସହ ସହଭାଗିତା ଏବଂ ସମାଜମୁଖୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଶିକ୍ଷା ଓ ଗବେଷଣା କେନ୍ଦ୍ରରେ ପରିଣତ କରିବା ପାଇଁ ସମସ୍ତଙ୍କୁ ସମ୍ମିଳିତ ପ୍ରୟାସର ଆହ୍ୱାନ ଦେଇଥିଲେ । ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବିଶାଳ ମାନବଶୃଙ୍ଖଳ ଗଠନ କରାଯାଇ ଜନସଂଖ୍ୟା ସଚେତନତା, ନିରନ୍ତର ବିକାଶ ଓ ଦାୟିତ୍ୱବୋଧ ସମ୍ପନ୍ନ ନାଗରିକତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ, ଅଧିକାରୀ ଓ କର୍ମଚାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଶେଷରେ ବିଶ୍ୱବିଦ୍ୟାଳୟର ଉନ୍ନୟନ ଅଧିକାରୀ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୂର୍ବତନ ରାଜ୍ୟସଭା ସାଂସଦ ଏନ୍ ଭାସ୍କର ରାଓଙ୍କ ସମେତ ଅନ୍ୟ ତିନି ଜଣଙ୍କ ନାଁରେ ମାମଲା ପଞ୍ଜିକୃତ

ରାୟଗଡା (ନି.ପ୍ର) ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସଭା ସାଂସଦ ଏନ୍.ଭାସ୍କର ରାଓଙ୍କୁ ଶକ୍ତଧକ୍କା ଲାଗିଛି । ରାୟଗଡା ଟ୍ରକ୍ ମାଲିକ ସଂଘ ର ଆର୍ଥିକ ଅନିୟମିତତା ଘଟଣାରେ ଟାଉନ୍ ଥାନାରେ ଦିଆଯାଇଥିବା ଅଭିଯୋଗକୁ ପୁଲିସ ପଞ୍ଜିକୃତ କରିଛି । ତାଙ୍କ ବିରୋଧୀ ଦଳ ନେତାଙ୍କ ଡିପଫେକ୍ ଭିଡିଓ ଭାଇରାଲ କରି ଥିବା ସୋସିଆଲ ଟକ୍ ନାଁରେ ଯୁବଛାତ୍ର ବିଜେଡିର ଏତଲା 'ସୋସିଆଲ ଟକ୍' ନାମକ ଏକ ପେଜରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ ଅପଲୋଡ ହୋଇଛି । ଅତ୍ୟନ୍ତ ମାନହାନିକାରୀ ଓ ବ୍ୟକ୍ତିଗତ ସମ୍ମାନକୁ ହାନି ଉଦ୍ଦେଶ୍ୟରେ ପ୍ରସାରିତ ଏହି ଭିଡିଓଗୁଡ଼ିକ ତୁରନ୍ତ ଅପସାରଣ ଓ ଏହାକୁ ପ୍ରସ୍ତୁତ କରିଥିବା 'ସୋସିଆଲ ଟକ୍' ନାମକ ଇନଷ୍ଟାଗ୍ରାମ ଆକାଉଂଟକୁ ବନ୍ଦ ପାଇଁ ଦାବି କରିଛି ବିଜେଡି । ପ୍ରୀତି ପ୍ରକାଶ ନାୟକ ନାମକ ଜଣେ ବ୍ୟକ୍ତି ଏହି ଭିଡିଓ ପ୍ରସ୍ତୁତ କରିଥିବା ଅଭିଯୋଗ କରି ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ସହଦେବଖୁଂଟା ଥାନାରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଏତଲା ଦିଆଯାଇଛି । ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ତତ୍କାଳୀନ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ ନେଇ ପ୍ରସ୍ତୁତ ଏହି ଡିପଫେକ୍ ଭିଡିଓକୁ ପ୍ରୀତି ପ୍ରକାଶ ନାୟକ ତାଙ୍କ 'ସୋସିଆଲ ଟକ୍' ଇନଷ୍ଟାଗ୍ରାମ ଆକାଉଂଟରେ ଅପଲୋଡ କରିଛନ୍ତି । ଏଥିରେ ବାରମ୍ବାର ଅପମାନଜନକ ଶବ୍ଦ ବ୍ୟବହାର କରାଯିବା ସହ ଏଆଇ ପ୍ରସ୍ତୁତ ହୀନ ମାନସିକତାର ଛବି ପ୍ରସ୍ତୁତ କରାଯାଇଛି । ଏହି ଭିଡିଓ ପ୍ରସ୍ତୁତି ପଛରେ ବିଜେପିର ପ୍ରୋତ୍ସାହନ ଥିବା ସନ୍ଦେହ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଡିପଫେକ୍ ଭିଡିଓ କରି ସୋସିଆଲ ମିଡିଆରେ ପ୍ରସାର



ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରିଛି । ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଡିପଫେକ୍ ଭିଡିଓ କରିଥିବା ଅଭିଯୁକ୍ତ ବିରୋଧରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ବିଜେପି ସରକାର ଦୁଇ ବର୍ଷ ହେବ କୌଣସି ।ଉନ୍ନତି ମୂଳକ କାର୍ଯ୍ୟ କରି ନପାରି ସବୁଠି ନିନ୍ଦିତ ହେଉଛି । ମାତ୍ର ନବୀନ ପଟ୍ଟନାୟକ କାର୍ଯ୍ୟକୁ ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବନ୍ଦିତ କରିଛି । ଫଳରେ ବିଜେପି ଦଳ ଅସହିଷ୍ଣୁ ହୋଇ ଏପରି କାର୍ଯ୍ୟ କରୁଛି । ଜନସାଧାରଣଙ୍କ ମନରେ ଭ୍ରାନ୍ତି ସୃଷ୍ଟି କରିବା ଏବଂ ବ୍ୟକ୍ତିଗତ ସମ୍ମାନରେ ଆଂଚ ଆଣିବା ଉଦ୍ଦେଶ୍ୟରେ ଏପରି ଭିଡିଓ ପ୍ରସ୍ତୁତ କରାଯାଇଛି । ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକ ପୂର୍ବରୁ ମଧ୍ୟ ଏପରି ଡିଫାମେଟରି କଂଟେଂଟ୍ ପାଇଁ ବିଭାଗୀୟ ମାମଲା (କେସ୍ ନମ୍ବର ୨୪୬/୨୦୨୩) ସମ୍ମୁଖୀନ ହୋଇଛନ୍ତି । ବିଜେପି ସମର୍ଥନରେ ସୋସିଆଲ ମିଡିଆରେ ସେ ଏହିପରି କାର୍ଯ୍ୟ ଅଭ୍ୟାସଗତ ଭାବେ ବାରମ୍ବାର କରୁଛନ୍ତି । ଭୂକମ୍ପ ପ୍ରଭାବିତ ଭେନିଜୁଏଲା ଅଂଚଳକୁ ଭିକେ ପାଣ୍ଡିଆନ ପରିଦର୍ଶନକୁ ବିଦ୍ରୁପ ଭାବେ ଉପସ୍ଥାପନ କରାଯାଇଛି । ଆକ୍ରୋଶ ମୂଳକ ଭାବେ ଅପଶବ୍ଦ ପ୍ରୟୋଗ କରି ତାଙ୍କ ସମ୍ମାନ ନଷ୍ଟ କରିବାକୁ ପ୍ରୟାସ କରାଯାଇଛି । ଭିଡିଓ ପ୍ରସ୍ତୁତକାରୀ, ସେୟାର, ରି-ପୋଷ୍ଟ କିମ୍ବା ଅନ୍ୟ ଭାବେ ପ୍ରଚାର କରିଥିବା ଅନ୍ୟ କୌଣସି ବ୍ୟକ୍ତି, ପେଜ କିମ୍ବା ଆକାଉଂଟ ମଧ୍ୟ ସମାନ ଭାବେ ଦାୟୀ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ତେଣୁ, ଅଭିଯୁକ୍ତ ପ୍ରୀତି ପ୍ରକାଶ ନାୟକଙ୍କ ବିରୋଧରେ ମାମଲା ରୁଜୁ କରି, ଇନଷ୍ଟାଗ୍ରାମ ଆକାଉଂଟ ଜବତ କରି ପରୀକ୍ଷଣ କରିବା, ଉକ୍ତ ଭିଡିଓକୁ ଅପସାରଣ କରିବା, ଅଭିଯୁକ୍ତଙ୍କ ବିରୋଧରେ ତଦନ୍ତ କରି ପ୍ରଚାର କରିଥିବା ଅନ୍ୟ ଆକାଉଂଟ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି । ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲ୍ଲା ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ଧିରେନ ନାୟକଙ୍କ ନେତୃତ୍ୱରେ ଏହି ଏତଲା ସହଦେବଖୁଂଟା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ର ନେତା ବିଭୁଦତ ପରିଡ଼ା,ତପନ ଦାସ,ହୃଷିକେଶ ବେହେରା, ଆଦ୍ୟା ଆଶୁତୋଷ,ସଂଜୀବ ମାଇତି,ଶାନ୍ତନୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳନ




ବାଲେଶ୍ୱର(ନ.ପ୍ର.)ଜିଲ୍ଲା ତାଲିମ କେନ୍ଦ୍ର କକ୍ଷରେ ଶୁଭ ଉଦଘାଟନ ସମାରୋହ ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଷୟବସ୍ତୁ - 'ପିଲାଙ୍କ ଜନ୍ମରେ ରଖନ୍ତୁ ଉଚିତ ବ୍ୟବଧାନ, ସୁସ୍ଥ ଏବଂ ସୁଖୀ ହେବ ପାରିବାରିକ ଜୀବନ ' । ଉକ୍ତ ସମାରୋହ ଜିଲ୍ଲା ମୁଖ୍ୟ ସ୍ତ୍ରୀ ଓ ପ୍ରସୂତି ବିଭାଗ ଅଧିକାରୀ ଡାକ୍ତର ଗିରିଜା ଶଙ୍କର ଦାସ ଉପସ୍ଥିତ ସହରାଂଚଳର ଆଶା, ମହିଳା ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ପିଲା ଜନ୍ମ ମଧ୍ୟରେ ବ୍ୟବଧାନ ରଖିବା ଅତ୍ୟନ୍ତ ଜରୁରୀ, ଫଳରେ ଉଭୟ ମା ଏବଂ ଶିଶୁ ସୁରକ୍ଷିତ ରହିବେ । ଏଥି ପାଇଁ ଉପଲବ୍ଧ ଅସ୍ଥାୟୀ ପଦ୍ଧତି ଯଥା ଅନ୍ତରା, କଣ୍ଡମ, ମାଲା ଏନ ବଟିକା,କପର ଟି, ଇଜି ପିଲ ଇତ୍ୟାଦି ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଉପଲବ୍ଧ । ଜିଲ୍ଲା ମେଡିକାଲ ଅଧିକାରୀ ଡାକ୍ତର ଅମୁଲ୍ୟ କୁମାର ଦାସ ଏହି ଅଭିଯାନ ଜୁଲାଇ ୧୧ ରୁ ଜୁଲାଇ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ମଧ୍ୟରେ ଯେଉଁ ସ୍ୱାମୀ ଏବଂ ସ୍ତ୍ରୀ ଙ୍କର ପରିବାର ସମ୍ପୂର୍ଣ୍ଣ ହୋଇ ସାରିଥିବା ସେମାନଙ୍କୁ ସ୍ଥାୟୀ ପଦ୍ଧତି ଯଥା ପୁରୁଷ ବନ୍ଧ୍ୟା କରଣ ଏବଂ ମହିଳା ବନ୍ଧ୍ୟାକରଣ ଆପଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ କୁଷ୍ଠ ଡାକ୍ତର ସଂଜୀବ ପ୍ରଧାନ ଶିଶୁ ମୃତ୍ତୁ ଏବଂ ମାତୃ ମୃତ୍ତୁ କୁ ରୋକିବା ନିମନ୍ତେ ସ୍ଥାୟୀ ଏବଂ ଅସ୍ଥାୟୀ ପଦ୍ଧତି ଉପରେ ଲୋକଙ୍କୁ ସଚେତନତା କରିବା ଉପରେ ଆଲୋକ ପାତ କରିଥିଲେ । ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ମଂଚ ପରିଚାଳନା କରିଥିଲେ ଏବଂ ଶେଷରେ ଡ଼ି ଏମ ଆର ସି ଏଚ ଜିତେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶିଷ୍ଟ ବ୍ୟକ୍ତିଙ୍କ ବିୟୋଗରେ ଶୋକ

ବାଲେଶ୍ୱର(ନ.ପ୍ର.)ବାଲେଶ୍ୱର ସହରର ସର୍ବପୂରାତନ ରୋମାନ୍ସ କ୍ଲବର ଅନ୍ୟତମ ପ୍ରତିଷ୍ଠାତା ଅଶ୍ୱିନି କୁମାର ସେନାପତିଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଥିବାରୁ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ଶ୍ରୀ ସେନାପତିଙ୍କ ଶରୀରର ଏକାଧିକ ଅଙ୍ଗ ଅକାମୀ ହୋଇପଡ଼ିବାରୁ ତାଙ୍କ ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭ□ କରାଯାଇଥିଲା । ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭେ□ଲେଟରକୁ ସ୍ଥାନାନ୍ତରିତ କରାଯାଇଥିଲା । ଗତ ୮ତାରିଖ ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଯାଇଥିବା ବେଳେ ୯ତାରିଖରେ ଛତୁଆସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଏଠାରେ ସୂଚନା ଯୋଗ୍ୟ ଶ୍ରୀ ସେନାପତି ଅବିବାହିତ ଥିବାବେଳେ ତାଙ୍କର ପରଲୋକପରେ ତାଙ୍କର ପୁତୁରା ଆଇନଜୀବୀ ଐଶ୍ୱର୍ଯ୍ୟ ସେନାପତି ମୁଖାଗ୍ନି ଦେଇଥିଲେ । ସେନାପତିଙ୍କ ମୃତ୍ୟୁ ଖବର ପାଇ ବରିଷ୍ଠ ସାମ୍ବାଦିକ ରଂଜନ ବାଗ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସମାଜସେବୀ ଜୟନ୍ତ ମହାନ୍ତି, ବିଜୟ ମହାନ୍ତି, ଶଙ୍କର ଦାସ, ତୁଷାର ନାୟକ,ଲଲାଟେନ୍ଦୁ ମହାପାତ୍ର, ଲକ୍ଷ୍ମୀନାରାୟଣ ଦେ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ରୋମାନ୍ସ କ୍ଲବର ସଦସ୍ୟମାନେ ତାଙ୍କ ଜେଲରୋଡ଼ସ୍ଥିତ ବାସଭବନ ଏବଂ ଛତୁଆ ଶ୍ମଶାନରେ ପହଁଚି ଅନ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତଃ ସେନାପତିଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଅନ୍ୟତମ ପୁତୁରା ଅଂଶୁମାନ, ଅଭିସିକ୍ତା, ଅପରାଜିତା ଏବଂ ନିହାର ରାୟ ପ୍ରମୁଖ ଉପସ୍ଥିତଥିଲେ ।

# ଅଖିଳ ଭାରତୀୟ ବ୍ରାହ୍ମଣ ମହାସଂଘର ରାଜ୍ୟସଭାପତି ଭାବେ ଯଜ୍ଞାଶିଷ ମହାପାତ୍ର ନିଯୁକ୍ତ

ବାଲେଶ୍ୱର(ନ.ପ୍ର.): ଅଖିଳ ଭାରତୀୟ ବ୍ରାହ୍ମଣ ମହାସଂଘର ଓଡ଼ିଶା ଶାଖାର ସଭାପତି ଭାବେ ଯଜ୍ଞାଶିଷ ମହାପାତ୍ରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ଆସନ୍ତା ମାର୍ଚ୍ଚ ୩୧, ୨୦୨୯ ମସିହା ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ରହିବ । ଏହି ସମୟ ମଧ୍ୟରେ ସେ ମହାସଂଘର ସମସ୍ତ ନିୟମାବଳୀ ଅନୁସାରେ ସାମ୍ବିଧାନିକ ପଦବୀର ଦାୟିତ୍ୱ ତୁଲାଇବେ । ଯାହାଦ୍ୱାରାକି ମହାସଂଘ ନୂତନ ସୋପାନରେ ପହଂଚିବାର ସକ୍ଷମ



ହୋଇପାରିବ । ବ୍ରାହ୍ମଣମାନଙ୍କର ଉନ୍ନତକଳ୍ପେ ସେ କାର୍ଯ୍ୟ କରିବେ ବୋଲି ଅଖିଳ ଭାରତୀୟ ବ୍ରାହ୍ମଣ ମହାସଂଘର ସଭାପତି ଡ. ଗୋବିନ୍ଦ କୁଲକର୍ଣ୍ଣିଙ୍କ ଠାରୁ ପ୍ରକାଶ ।

# ଥାର ଗାଡ଼ିରେ ଟାଣିନେଇ ଏଟିଏମ ଲୁଟ୍, ରାସ୍ତାରେ ଫିଙ୍ଗି ପଳାଇଲେ ଦୁର୍ବୃତ

ବାଲେଶ୍ୱର(ନ.ପ୍ର.) : ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ତୁରିଗଡ଼ିଆ ବଜାରରେ ଥିବା ଏକ ଇଣ୍ଡିଆ ୱାନ୍ ଏଟିଏମରୁ ଦୁର୍ବୃତମାନେ ବିଳମ୍ବିତ ରାତିରେ ସିନେମା ଶୈଳୀରେ ଲୁଟ୍ କରିଥିବା ଘଟଣା ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ଲୁଟ୍ ପରେ ଏଟିଏମ ମେସିନ୍ ?କୁ ଏକ ଥାର ଗାଡ଼ିରେ ଟାଣିନେଇ ବସ୍ ?ଷ୍ଟାଣ୍ଡଠାରୁ ପ୍ରାୟ ୨୦୦ ମିଟର ଦୂରରେ ରାସ୍ତା କଡ଼ରେ ଫିଙ୍ଗି ଦେଇ ଦୁର୍ବୃତମାନେ ଫେରାର ହୋଇଯାଇଛନ୍ତି । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ତୁରିଗଡ଼ିଆ ବଜାରରେ ଥିବା



ଇଣ୍ଡିଆ ୱାନ୍ ଏଟିଏମକୁ ଟାର୍ଗେଟ କରି ଦୁର୍ବୃତମାନେ ଲୁଟ୍ କରିଥିଲେ । ପରେ ମେସିନ୍ ?କୁ ଗାଡ଼ିରେ ଟାଣିନେଇ ରାସ୍ତା ପାର୍ଶ୍ୱରେ ଛାଡ଼ି ଚମ୍ପଟ ମାରିଥିଲେ । ଏଟିଏମରୁ କେତେ ପରିମାଣର ନଗଦ ଟଙ୍କା ଲୁଟ୍ ହୋଇଛି, ସେନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏହି ସମଗ୍ର ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି । ଖବର ପାଇ ଖଇରା ପୁଲିସ ଘଟଣାସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ୍ ?ର ସହାୟତାରେ ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଆଧାରରେ ଦୁର୍ବୃତଙ୍କ ପରିଚୟ ଚିହ୍ନଟ କରିବା ସହ ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ତଲାସି ଜାରି ରଖିଛି । ଦିନକୁ ଦିନ ଏଭଳି ଏଟିଏମ ଲୁଟ୍ ଘଟଣା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ ପାଇଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଜୁଲାଇ ୧୩ରେ ଆୟୋଜନ କରୁଛି ରାଜ୍ୟ ଅର୍ଥ ଓ ସହରୀ ଭିତିଭୂମି ଉପରେ ସିଏଜି-ଆଇସିଏସଏସଆର ଆଲୋଚନାଚକ୍ର

ବାଲେଶ୍ୱର(ନ.ପ୍ର.): ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ଜୁଲାଇ ୧୩ ତାରିଖ ସୋମବାର ଦିନ 'ସିଏଜି-ଆଇସିଏସଏସଆର କଲୋକିୟମ୍'(ଓଡ଼ିଶା ଚାପ୍ଟର)' ଅନୁଷ୍ଠିତ ହେବ । ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଏବଂ ଇଣ୍ଡିଆନ କାଉନସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚ (ଆଇସିଏସଏସଆର)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଯାଉଥିବା ଏହି ଉଚ୍ଚସ୍ତରୀୟ ଆଲୋଚନାଚକ୍ରରେ ଦେଶ ଓ ରାଜ୍ୟର ବହୁ ପ୍ରତିଷ୍ଠିତ ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ଅଡିଟର ଏବଂ ସରକାରୀ ଆର୍ଥିକ ବିଶେଷଜ୍ଞମାନେ ଯୋଗ ଦେଇ ପ୍ରମୁଖ ଶାସନ ଓ ବିକାଶମୂଳକ ପ୍ରସଙ୍ଗ ଉପରେ ମନ୍ଥନ କରିବେ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ହେବେ ।ଏହି ଆଲୋଚନାଚକ୍ର ମୁଖ୍ୟତଃ ଦୁଇଟି ପ୍ରମୁଖ ବିଷୟବସ୍ତୁ ଉପରେ ଆଧାରିତ ହେବ । ପ୍ରଥମଟି 'ଓଡ଼ିଶାର ରାଜ୍ୟ ଅର୍ଥନୀତି' ଏବଂ ଦ୍ୱିତୀୟଟି 'ମହାନଗର ନିଗମଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ଓ ବର୍ଜ୍ୟଜଳ ପରିଚାଳନା ବ୍ୟବସ୍ଥା' । ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଏକ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରିବେ । କାର୍ଯ୍ୟକ୍ରମର ବୈଷୟିକ ଅଧିବେଶନ ଗୁଡ଼ିକରେ ପ୍ରମୁଖ ବିଶେଷଜ୍ଞ ଭାବେ ଓଡ଼ିଶାର ପ୍ରିନ୍ସିପାଲ୍ ଆକାଉଂଟାଂଟ ଜେନେରାଲ୍ (ଅଡିଟ୍-୧) ଶ୍ରୀ ସୁବୁ ଆର୍., ଓଡ଼ିଶାର ଆକାଉଂଟାଂଟ ଜେନେରାଲ୍ (ଅଡିଟ୍-୨) ଶ୍ରୀ ଅତୁଲ ପ୍ରକାଶ, ନାଇଜରର ଡଃ ଅମରେନ୍ଦ୍ର ଦାସ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ମିତାଲି ଚିନାରା ସ୍ୱତନ୍ତ୍ର ଗବେଷଣାତ୍ମକ ଆଲୋଚନା କରିବେ ।ପ୍ରତ୍ୟେକ ବିଷୟଭିତିକ ଆଲୋଚନା ପରେ ଏକ ପାରସ୍ପରିକ ପ୍ରଶ୍ନୋତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ, ଯେଉଁଠାରେ ଗବେଷକ ଓ ଛାତ୍ରଛାତ୍ରୀମାନେ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ସୁଯୋଗ ପାଇବେ । ଏହି ଅବସରରେ ଏକ 'ଗବେଷଣାତ୍ମକ ପ୍ରବନ୍ଧ ପ୍ରତିଯୋଗିତା' ବିଷୟରେ ମଧ୍ୟ ଘୋଷଣା କରାଯିବ । ଏହି କଲୋକିୟମ୍ ?ର ମୂଳ ଲକ୍ଷ୍ୟ ହେଉଛି ସରକାରୀ ଆର୍ଥିକ ବ୍ୟବସ୍ଥା ଓ ସହରୀ ଶାସନ ଉପରେ ଏକ ସାରଗର୍ଭକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ଶୈକ୍ଷିକ ଅନୁଷ୍ଠାନ ତଥା ସରକାରୀ ଅଡିଟ୍ ସଂସ୍ଥାଗୁଡ଼ିକ ମଧ୍ୟରେ ସହଯୋଗିତାକୁ ଅଧିକ ମଜବୁତ କରିବା ।

# ମୋ ଭାରତ କେନ୍ଦ୍ର ପକ୍ଷରୁ ବୃଦ୍ଧାଶ୍ରମରେ ପାଂଚଦିନିଆ ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ

ବାଲେଶ୍ୱର, (ନ.ପ୍ର.): ମୋ ଭାରତ ଯୁବ କେନ୍ଦ୍ର, ବାଲେଶ୍ୱର ପକ୍ଷରୁ ଜୁଲାଇ ୭ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ କପିଳମୁନି ବୃଦ୍ଧାଶ୍ରମ ଏବଂ ଦିବ୍ୟ ମନ୍ଦିର ବୃଦ୍ଧାଶ୍ରମରେ ପାଂଚଦିନିଆ ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ (ରଙ୍ଘକ୍ତ୍ରରକ୍ସସରଭଶ୍ପସବକ୍ଷ ଖରବକ୍ସଭସଭଶ ଚକ୍ସକ୍ଟଶକ୍ସବଙ୍କଙ୍କର) ଜିଲ୍ଲା ଯୁବ ଅଧିକାରୀ ଫଡ୍ ମହମ୍ମଦଙ୍କ ତତ୍ତ୍ୱାବଧାନରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ମୋ ଭାରତର ସ୍ୱେଚ୍ଛାସେବୀମାନେ ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧ ଓ ବୃଦ୍ଧାମାନଙ୍କ ସହ ସମୟ ବିତାଇ ସେମାନଙ୍କ ସହ ଆଲୋଚନା କରିବା ସହ ପରିସର ସଫେଇ, ଯୋଗାଭ୍ୟାସ, ବୃକ୍ଷରୋପଣ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ସାମୂହିକ ଭୋଜନ ଓ କୀର୍ତନ ଭଳି ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ କରିଥିଲେ । ଏହାସହ ବୃଦ୍ଧମାନଙ୍କ ଦୁଃଖସୁଖରେ ସାମିଲ ହୋଇ ସେମାନଙ୍କୁ ମାନସିକ ସହଯୋଗ ଓ ଆତ୍ମୀୟତାର ବାର୍ତା ପ୍ରଦାନ କରିଥିଲେ ।କାର୍ଯ୍ୟକ୍ରମରେ ମୋ ଭାରତର ହିସାବ ରକ୍ଷକ ଅଧିକାରୀ ଅମୀରନ ରାଉତ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀ ବିକ୍ରମ ବାରିକ, ଅଭିଜିତ ବେହେରା, ପ୍ରିୟଙ୍କା ଦାସ, ଆଲୋକ ସିଂ, ଦୀପଶିଖା ଘଡ଼େଇ, ଅର୍ପଣ କ୍ରିଷ୍ଣା ଦେ, ଦେବାଶିଷ ଦେ, ଶୁଭଲକ୍ଷ୍ମୀ ପରିଡ଼ା ଓ ଗାୟତ୍ରୀ ବାରିକ ପ୍ରମୁଖ ସକ୍ରିୟ ଭାବେ ଯୋଗଦାନ କରିଥିଲେ ।ଏହି ଅନୁଭବଜନିତ ଶିକ୍ଷଣୀୟ କାର୍ଯ୍ୟକ୍ରମ ଯୁବ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ସେବାଭାବ, ସାମାଜିକ ଦାୟିତ୍ୱବୋଧ ଓ ବୃଦ୍ଧମାନଙ୍କ ପ୍ରତି ସମ୍ମାନର ଭାବନାକୁ ଆହୁରି ସୁଦୃଢ଼ କରିଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି ।




# ଦାନଗଦୀ ତହସିଲଦାରଙ୍କ ରାଜସ୍ୱ କ୍ୟାମ୍ପ କୋର୍ଟ: ୬୦ରୁ ଅଧିକ ଲୋକଙ୍କୁ ତ୍ୱରିତ ସେବା, ୨୪ ପଟ୍ଟା ବଣ୍ଟନ



କଳିଙ୍ଗନଗର(ନିପ୍ର): ସରକାରୀ ସେବାକୁ ସିଧାସଳଖ ଜନସାଧାରଣଙ୍କ ଦ୍ୱାରଦେଶରେ ପହଂଚାଇବା ଲକ୍ଷ୍ୟରେ ଦାନଗଦୀ ତହସିଲ ପକ୍ଷରୁ ରାଣୀପଡ଼ା ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ମିଳିତ ରାଜସ୍ୱ କ୍ୟାମ୍ପ କୋର୍ଟ ସଫଳତାର ସହ ଅନୁଷ୍ଠିତ ହୋଇଛି । ଦାନଗଦୀ ତହସିଲଦାର ରଞ୍ଜିତ କୁମାର ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପରେ ସ୍ଥାନୀୟ ଅଂଚଳର ୬୦ରୁ ଅଧିକ ଜନସାଧାରଣ ଯୋଗଦେଇ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ସମସ୍ୟାର ତ୍ୱରିତ ସମାଧାନ ପାଇଥିଲେ । ଦିନସାରା ଚାଲିଥିବା ଏହି କ୍ୟାମ୍ପରେ ୬,୫୦୦ ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇଥିବା ବେଳେ, ଭୂମିହୀନଙ୍କ ଚିହ୍ନଟ ପ୍ରକ୍ରିୟା (କଲମ-୨) ଅଧୀନରେ ୧୪ଟି ନୂଆ ଆବେଦନ ଗ୍ରହଣ କରାଯାଇଛି । ସେହିପରି ପୂର୍ବରୁ ସଂଶୋଧିତ ୨୪ଟି ପଟ୍ଟା ଯୋଗ୍ୟ ହିତାଧିକାରୀଙ୍କୁ ବଂଟନ କରାଯାଇଛି । ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୫ଟି ବିଭିନ୍ନ ପ୍ରକାରର ପ୍ରମାଣପତ୍ର ତୁରନ୍ତ ପ୍ରଦାନ କରାଯାଇଥିବା ସହ ୨ଟି ନାମଜାରୀ ମାମଲାର ସମାଧାନ ମଧ କରାଯାଇଛି । ଏଥିସହ ତହସିଲଦାର ଓ ରାଜସ୍ୱ ବିଭାଗର ଅଧିକାରୀମାନେ ଏକ କ୍ଷେତ୍ର ପରିଦର୍ଶନ କରି ଜମିଜମା ସ୍ଥିତିର ସମୀକ୍ଷା କରିଥିଲେ । କ୍ୟାମ୍ପ ସମୟରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ୨ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିବାବେଳେ, ସେଗୁଡ଼ିକର ଶୀଘ୍ର ବିହିତ ପ୍ରତିକାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି କ୍ୟାମ୍ପ କୋର୍ଟରେ ରାଣୀପଡ଼ା ସରପଂଚ, ତହସିଲି ସୁପରଭାଇଜର ଓ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଦିଗରେ ଏଭଳି ରାଜସ୍ୱ କ୍ୟାମ୍ପ ଏକ ପ୍ରଭାବଶାଳୀ ପଦକ୍ଷେପ ବୋଲି ସ୍ଥାନୀୟ ଅଂଚଳବାସୀ ମତ ପ୍ରକାଶ କରିବା ସହ କ୍ୟାମ୍ପକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ସାମ୍ବାଦିକଙ୍କ ସୁରକ୍ଷା ଓ କଲ୍ୟାଣ ଦାବିରେ ଭଏସ୍ ଅଫ୍ ମିଡ଼ିଆର ଦାବିପତ୍ର

କନ୍ଧମାଳ(ନିପ୍ର): ସାମ୍ବାଦିକମାନଙ୍କ ସୁରକ୍ଷା ଓ କଲ୍ୟାଣ ସମ୍ବନ୍ଧୀୟ ବିଭିନ୍ନ ଦାବିକୁ ନେଇ ଭଏସ୍ ଅଫ୍ ମିଡିଆ ପକ୍ଷରୁ ଗୁରୁବାର କନ୍ଧମାଳ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଭଏସ୍ ଅଫ୍ ମିଡିଆର ରାଜ୍ୟ ଓ କନ୍ଧମାଳ ଜିଲ୍ଲା ଶାଖାର ପଦାଧିକାରୀ ଏବଂ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ । ଦାବିପତ୍ରରେ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ, ମାସିକ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ଓ ଦୁର୍ଘଟଣାଜନିତ ବୀମା ସୁବିଧା, କର୍ତ୍ତବ୍ୟ ପାଳନ ସମୟରେ ଆକ୍ରମଣ ଘଟିଲେ ତ୍ୱରିତ ଆଇନଗତ ପଦକ୍ଷେପ, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ସୁଦୃଢ଼ କରିବା ଏବଂ ଗ୍ରାମାଂଚଳର ସାମ୍ବାଦିକ ମାନଙ୍କୁ ସମାନ ସୁବିଧା ପ୍ରଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାମିଲ ରହିଛି । ଭଏସ୍ ଅଫ୍ ମିଡିଆ ପକ୍ଷରୁ କୁହାଯାଇଛି ଯେ ସାମ୍ବାଦିକ ମାନେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ନିରପେକ୍ଷ ଓ ସତ୍ୟ ସୂଚନା ଲୋକଙ୍କ ନିକଟରେ ପହଂଚାଇ ଥାନ୍ତି । ତେଣୁ ସେମାନଙ୍କୁ ସୁରକ୍ଷା, ସମ୍ମାନ ଓ ସାମାଜିକ ସୁରକ୍ଷା ପ୍ରଦାନ କରିବା ସରକାରଙ୍କ ଦାୟିତ୍ୱ ବୋଲି ସଂଗଠନ ଦାବି କରିଛି । ଏହି କାର୍ଯ୍ୟକ୍ରମରେ ଭଏସ୍ ଅଫ୍ ମିଡିଆ କେନ୍ଦ୍ର କମିଟି ସଦସ୍ୟ ଓ କନ୍ଧମାଳ ଜିଲ୍ଲା ସଭାପତି ଶିବାନନ୍ଦ ପଟନାୟକ ରାଜ୍ୟ ସମ୍ପାଦକ ସୁକାନ୍ତ କୁମାର ପରିଡ଼ା, ରାଜ୍ୟ ଉପସଭାପତି ବି.ଭି. ଶଙ୍କର, କନ୍ଧମାଳ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ପଣ୍ଡା, କନ୍ଧମାଳ ଜିଲ୍ଲା ସମ୍ପାଦକ ରମେଶ ପ୍ରଧାନ, ସହ ସମ୍ପାଦକ ସୁଧୀର କୁମାର ମହାରଣା କୋଷାଧକ୍ଷ ଲକ୍ଷ୍ମୀନାରାୟଣ ପଟନାୟକ ଜିଲ୍ଲା କମିଟି ଉପଦେଷ୍ଟା ଆଦିତ୍ୟ ତ୍ରିପାଠୀ, କ୍ଷୀରୋଦ ସାହାଣୀ, ସଦସ୍ୟ ପାର୍ଥସାରଥୀ ବିଶ୍ୱାଳ, ବିମଳ ନାୟକ, ସତ୍ୟନାରାୟଣ ବେହେରା, କାହ୍ନା ପଟ୍ଟନାୟକ, ପ୍ରଶାନ୍ତ କୁମାର ଜେନା ଓ ଅନ୍ୟମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

# ଭ୍ରୂଣ ଲିଙ୍ଗ ନିର୍ଣ୍ଣୟ ଅଭିଯୋଗରେ ୬ ଜଣିଆ ଟିମ୍‌ର ଯାଂଚ

ସୋର(ନିପ୍ର): ସୋରର ମହାପାତ୍ର ହେଲ୍‌ଥ କେୟାର ଓ ନର୍ସିଂହୋମରେ ଭ୍ରୂଣ ଲିଙ୍ଗ ନିରୁପଣ ଅଭିଯୋଗରେ ବାଲେଶ୍ୱର ଜିଲାପାଳ ଚଢ଼ାଉ କରି କାଗଜପତ୍ର ଜବତ କରିବା ସହିତ ଏାହାକୁ ସିଲି କରିଥିବା ବେଳେ ଏହାର ମାଲଇକ ଏବଂ ସହଯୋଗୀଙ୍କୁ ଥାନାରେ ଅଟକ ରଖାଯାଇଥିଲା । ଏକ ୬ ଜଣିଆ ରାଜ୍ୟ ସ୍ୱାସ୍ଥ୍ୟ ତଦନ୍ତ ଟିମ୍ ସୋରରେ ପହଞ୍ଚ ସଂପୃକ୍ତ ନର୍ସିଂହୋମ ଏବଂ ତାର ଅନ୍ୟ ଏକ ବ୍ରାଂଚରେ ସମସ୍ତ କଗଜପତ୍ର ଏବଂ ଯନ୍ତ୍ରପାତି ଯାଂଚ କରିଥିବା ବେଳେ ଆଜି ଡଃ. ଗିରିଜାଶଙ୍କର ଦାସଙ୍କ ଅଭିଯୋଗ ମୂଳେ ସୋର ପୁଲିସ୍ ଏକ ମକଦମା ରୁଜୁ କରି ଏହାର ମାଲିକ ସତ୍ୟ ରଂଜନ ମହାପାତ୍ର ଏବଂ ସହଯୋଗୀ ବାସୁଦେବ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପ୍ରକାଶ ଥାଉକି ଏହି ନର୍ସିଂହୋମରେ ଜତ କିଛିଦିନ ଧରି ଲଗାତର ଅଲଟ୍ରାସାଉଣ୍ଡ ସୋନୁଗ୍ରାଫିକ୍ ମାଧ୍ୟମରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୁପଣ କରି କରିବା ପରେ କନ୍ୟା ଭ୍ରୂଣ ଥିଲେ ଗର୍ଭପାତ କରାଇ ପ୍ରଚୁର ଅର୍ଥ ନେଉଥିବା ସଂପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସହିତ ଏକ ଟିମ୍ ସୋର ତହସିଲଦାର କୃଷ୍ଣମୋହନ ସିଂହ, ବାହାନଗା ତହସିଲଦାର ଅମ୍ବିକା ଭୁଇଁଆ, ସୋର ଗୋଷ୍ଠୀ ସ୍ୱାସ୍ଥ୍ୟାକେନ୍ଦ୍ରର ଅଧିକ୍ଷକ କାଶୀନାଥ ପଣ୍ଡା ମିଳିତ ଭାବେ ଚଢ଼ାଉ କରିଥିଲେ । ଏହି ସମୟରେ ବିଭିନ୍ନ ଆପତିଜନକ ସାମଗ୍ରୀ ଜବତ ହେବା ସହିତ, କାଗଜପତ୍ର ଓ କର୍ମଚାରମାନଙ୍କ ଶିକ୍ଷାଗତ ଯୋଗ୍ୟତା ବାବଦରେ ଯାଂଚ କରାଯାଇଥିଲା । ପରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରାଯାଇ ବଡଖୁରୀ ଛକରେ ଥିବା ମହାପାତ୍ର ହେଲଥକେୟାର ଓ ଉତରେଶ୍ୱର ବସଷ୍ଟାଣ୍ଡ ନକିଟରେ ଥିବା ମହାପାତ୍ର ନର୍ସିଂ ହୋମକୁ ସିଲ କରାଯାଇ ଏହାର ମାଲିକ ଶ୍ରୀ ମହାପାତ୍ର ଓ କର୍ମଚାରୀଙ୍କୁ ଅଟକ ରଖାଯାଇଥିଲା । ଆଜି ସଂଧାରେ ଗିରଫ କରାଯାଇ କୋର୍ଟ ଚାଲଣ କରାଯାଇଥିବା ଜଣାଯାଇଛି ।

# ହାଇକୋର୍ଟଙ୍କ ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ଅବିଭକ୍ତ ସାଧାରଣ ବର୍ଗ

ଭୁବନେଶ୍ୱର: ସ୍ୱାସ୍ଥ୍ୟ ବିଭାଗରେ ପଦୋନ୍ନତି ପ୍ରକ୍ରିୟାକୁ ନେଇ ସୃଷ୍ଟି ହୋଇଥିବା ବିସଙ୍ଗତି ଓ ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ନୀତିର ପ୍ରୟୋଗ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ଅବମାନନାକୁ ନେଇ ଆଜି ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ଆବାହକ ଦୀନବନ୍ଧୁ ଷଡ଼ଙ୍ଗୀ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ ଗତ ୨୦୨୪ ଡିସେମ୍ବର ୧୯ ଓ ୨୧ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାର ବିଭାଗୀୟ ପଦୋନ୍ନତି କମିଟିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ୨୦୨୫ ମାର୍ଚ୍ଚ ୨୭ ତାରିଖରେ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥିବା ଏକ ବିବାଦୀୟ ଚିଠିକୁ ଆଧାର କରି ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ ପଦ୍ଧତିରେ ପଦୋନ୍ନତି କରାଯାଇଥିବାରୁ ସମଗ୍ର ପ୍ରକ୍ରିୟା ଏବେ ବିବାଦୀୟ ହୋଇପଡ଼ିଥିବା ସଂଗଠନ ଅଭିଯୋଗ କରିଛି । କେତେକ ଜିଲ୍ଲାରେ ପଦଭିତିକ ଏବଂ ଅନ୍ୟ କେତେକ ଜିଲ୍ଲାରେ ବିବାଦୀୟ ଯୋଗ୍ୟତା ଆଧାରିତ ପଦୋନ୍ନତି କରାଯାଇଥିବାରୁ ସମାନ ପଦବୀର କର୍ମଚାରୀଙ୍କ ମଧ୍ୟରେ ଭୟଙ୍କର ବୈଷମ୍ୟ ସୃଷ୍ଟି ହୋଇଛି । ଏହାକୁ ନେଇ ବିଭିନ୍ନ ବିଭାଗରୁ ଅନେକ ଅଭିଯୋଗ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିଲା । ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ବିଭାଗର ଅଭିଯୋଗକୁ ଆଧାର କରି ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଅନ୍ତରୀଣ ଆଦେଶ ଏବଂ ପରବର୍ତୀ ରାୟରେ ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ବିବାଦୀୟ ଆଦେଶକୁ ବାତିଲ୍ କରିବା ସହ ତାହା ଆଧାରରେ ହୋଇଥିବା ପଦୋନ୍ନତି ପ୍ରକ୍ରିୟାକୁ ରଦ୍ଦ କରି ନିୟମାନୁସାରେ ପୁନଃ ବିଭଗୀୟ ପଦୋନ୍ନତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଆଦେଶକୁ ଅବମାନନା କରାଯାଇଛି । କେତେକ ଜିଲ୍ଲାରେ ପଦୋନ୍ନତିକୁ ସ୍ଥଗିତ ରଖାଯାଇଥିବାବେଳେ ଅନ୍ୟ କେତେକ ଜିଲ୍ଲାରେ ବିବାଦୀୟ ପ୍ରକ୍ରିୟାକୁ ବଳବତର ରଖାଯାଇଛି, ଯାହା ବିଭାଗର ପ୍ରଶାସନିକ ନିରପେକ୍ଷତା ଓ ସ୍ୱଚ୍ଛତା ଉପରେ ପ୍ରଶ୍ନ ସୃଷ୍ଟି କରୁଛି । ସ୍ୱାସ୍ଥ୍ୟ ବିଭାଗ ପାଇଁ ସାରା ରାଜ୍ୟରେ ଗୋଟିଏ ନିୟମ ପାଳନ ନ ହୋଇ ବିଭିନ୍ନ ଜିଲ୍ଲା ପାଇଁ ଅଲଗା ଅଲଗା ନିୟମ ସମସ୍ତଙ୍କୁ ଚକିତ କରିଛି । ଅନୁସୂଚୀତ ଜାତି ଓ ଜନଜାତି ବିଭାଗର ବିବାଦୀୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଲାଗୁ କରିବା ଦିଗରେ ବିଭଗୀୟ ସଚିବ ତତ୍ପରତା ଦେଖାଇଥିବା ବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି ଓଲଟା ସ୍ପଷ୍ଟୀକରଣ ମାଗିବା ଆଳରେ କେବଳ ଓବିସି ଓ ସାଧାରଣ ବର୍ଗର କର୍ମଚାରୀଙ୍କୁ ହନ୍ତସନ୍ତ କରିବାର ଅଭିପ୍ରାୟ ସ୍ପଷ୍ଟ ଭାବରେ ଦେଖାଯାଉଛି । ଅଧିକନ୍ତୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ପୁନଃ ସ୍ପଷ୍ଟ ଭାବରେ ଆଦେଶ ଦେଇ ତୁରନ୍ତ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ମଧ ବିଭଗୀୟ ସଚିବ କାଳ କ୍ଷେପଣ ନୀତିରେ ଅନ୍ୟ ବିଭାଗକୁ ଆଦେଶର କ୍ରୀୟାନ୍ୱୟନ ଉପରେ ପରାମର୍ଶ ମାଗିବା ଏକ ବିଚିତ୍ର ବିରୋଧାଭାସ ସୃଷ୍ଟି କରିଛି । ଏପ୍ରିଲ ୨୦୨୬ ଠାରୁ ପ୍ରାୟ ୫୦୦ରୁ ୬୦୦ କର୍ମଚାରୀ ପଦୋନ୍ନତିରୁ ବଂଚିତ ରହିଥିବା ସଂଗଠନ ଅଭିଯୋଗ କରିଛି । ଅନ୍ୟ ବିଭାଗମାନେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଆଧାର କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ଏହି ଅବମାନନା ଯୋଗୁଁ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଅବିଭକ୍ତ ସାଧାରଣ ବର୍ଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବି କରାଯାଇଛି ଯେ, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବିଳମ୍ବ ଏବଂ ସମାନ ଭାବେ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ପଦୋନ୍ନତି ପ୍ରକ୍ରିୟାରେ ସ୍ୱଚ୍ଛତା ଓ ସମାନତା ସୁନିଶ୍ଚିତ କରାଯାଉ ଏବଂ ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ । ସ୍ୱାସ୍ଥ୍ୟ ବିଭାଗ ଓବିସି ଓ ସାଧାରଣ ବର୍ଗର କର୍ମଚାରୀଙ୍କୁ ନ୍ୟାୟ ଦେବରେ ବିଫଳ ହେଲେ ସଙ୍ଗଠନ ବାଧ ହୋଇ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଆଗାମୀ ଏକ ସପ୍ତାହ ମଧ୍ୟରେ କର୍ମଚାରୀଙ୍କୁ ନ୍ୟାୟ ନ ମିଳିଲେ ଜୁଲାଇ ୧୯ ତାରିଖରେ ସଙ୍ଗଠନ ମାଷ୍ଟର୍ କ୍ୟାଂଟିନ୍ ନିକଟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଓବିସି ଓ ସାଧାରଣ ବର୍ଗର ଲୋକେ ବିଧାନସଭା ଘେରିବେ ବୋଲି ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସମ୍ପାଦକ ଟାଇଫୁନ୍ ଦାସ, ସୁଶାନ୍ତ କୁମାର ମିଶ୍ର, ଅଶୋକ କୁମାର ପଣ୍ଡା, ଅମରେନ୍ଦ୍ର ପ୍ରସାଦ ସାହୁ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ନିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଭଉଣୀ ପାଇଁ ଶଳାକୁ ଭୁଜାଲିରେ ହାଣିଲା ଭିଣୋଇ

ସୋର(ନିପ୍ର): ସୋର ଥାନା ଅନ୍ତର୍ଗତ ନାଇକବନ୍ଧ ଗ୍ରାମରେ ଜଣେ ଶଳାକୁ ତାଙ୍କ ଭିଣୋଇ ହାଣିଦେବା ଫଳରେ ଭୀଣୋଇ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ପରେ ଆସି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ସୁଦାମ ଚରଣ ଦାସଙ୍କ ଗତ ଜୁଲାଇ ୩ ତାରିଖ ସନ୍ଧ୍ୟା ସମୟରେ ଦୋକାନ ପାଖରେ ଥିବା ବେଳେ ତାଙ୍କ ଭୀଣୋଇ ଭୀମେଇ ଗ୍ରାମର ଭରତ ଦାସ ଅନ୍ୟ ଅଚିହ୍ନା ସହଯୋଗୀମାନେ ଆସି ତୁମ ଭଉଣୀ କାହିଁ ବୋଲି ପଚାରିଲା ପରେ କୌଣସି କାରଣ ପାଇଁ ଉଭୟ ସୁଦାମ ଓ ତାଙ୍କ ସ୍ତ୍ରୀଙ୍କୁ ଅତର୍କିତ ଭାବେ ଭୁଜାଲିରେ ଆକ୍ରମଣ କରିଥିଲେ । ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ।

# ସ୍କୁଲ ଓ ଗାଁରେ ନିଶୁଳ୍କ ଚକ୍ଷୁ, ଦନ୍ତ ଓ ସ୍ୱାସ୍ଥ୍ୟ ପରୀକ୍ଷା



ଯାଜପୁର/କଳିଙ୍ଗନଗର (ନିପ୍ର): ଯାଜପୁର ଜିଲ୍ଲାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟରେ ପହଂଚାଇବା ଲକ୍ଷ୍ୟରେ ଭିସା ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍ ନିଜର ସିଏସଆର୍ (ଉଡଜ) କାର୍ଯ୍ୟକ୍ରମ 'ସଞ୍ଜୀବନୀ' ଅଧୀନରେ ବ୍ୟାପକ ସ୍ୱାସ୍ଥ୍ୟ ଓ ସଚେତନତା ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମାଂଚଳରେ ନିୟମିତ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏହି କ୍ରମରେ ଶନିବାର ବାଲୁଙ୍ଗାବନ୍ଧି ପ୍ରୋଜେକ୍ଟ ଅପର ପ୍ରାଥମିକ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ସ୍କୁଲ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଓ ଦନ୍ତ ପରୀକ୍ଷା ସହ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଯାଜପୁର ରୋଡ଼ର ଅଭିଜ୍ଞ ଦନ୍ତ ଚିକିତ୍ସକ ଓ ଭୂମିକା ଆଇ କେୟାରର ବିଶେଷଜ୍ଞ ଟିମ୍ ଏହି ଶିବିରରେ ସେବା ପ୍ରଦାନ କରିଥିଲେ । କେବଳ ସ୍ୱାସ୍ଥ୍ୟ ପରୀକ୍ଷା ନୁହେଁ, ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ପରିଷ୍କାର-ପରିଚ୍ଛନ୍ନତା, ସୁସ୍ଥ ଜୀବନଶୈଳୀ ଓ ରୋଗ ପ୍ରତିରୋଧକ ସ୍ୱାସ୍ଥ୍ୟ ଅଭ୍ୟାସ ସମ୍ପର୍କରେ ସଚେତନ କରାଯାଇ ଥିଲା । ଭିସା ଇଣ୍ଡଷ୍ଟ୍ରିଜ୍‌ର କର୍ମଚାରୀମାନେ ମଧ ଏହି ଶିବିରରେ ସକ୍ରିୟ ଭାବେ ଭାଗ ନେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ଆଗାମୀ ଦିନରେ ଗାୟାଦେବୀ ନୋଡାଲ ସ୍କୁଲ, ମନଗୋବିନ୍ଦପୁର ନୋଡାଲ (ୟୁପି) ସ୍କୁଲ, କୁମ୍ଭୀରାଗଡ଼ିଆ ହାଇସ୍କୁଲ, ଯଖପୁରା ହାଇସ୍କୁଲ ସମେତ ଯାଜପୁର ଜିଲ୍ଲାର ଅନ୍ୟାନ୍ୟ ବିଦ୍ୟାଳୟରେ ମଧ ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ଗ୍ରାମାଂଚଳରେ ମଧ ଭିସା ଇଣ୍ଡଷ୍ଟ୍ରିଜ୍‌ର ସ୍ୱାସ୍ଥ୍ୟ ସେବା ଜାରି ରହିଛି । କେନ୍ଦୁଡିପି, ଦାମୋଦରପୁର ଓ ଅନାପାଳ ଗ୍ରାମରେ ଆୟୋଜିତ ଶିବିରରେ ହିମୋଗ୍ଲୋବିନ୍ ପରୀକ୍ଷା, ରକ୍ତଚାପ ପରୀକ୍ଷା, ଚିକିତ୍ସା ପରାମର୍ଶ ଓ ନିଶୁଳ୍କ ଔଷଧ ବଂଟନ କରାଯାଇଛି । ଏହି ଅଭିଯାନ ମାଧ୍ୟମରେ ୬ ହଜାରରୁ ଅଧିକ ଲୋକ ଉପକୃତ ହେବାର ଲକ୍ଷ୍ୟ ରଖାଯାଇଛି । ବାଲୁଙ୍ଗାବନ୍ଧି ପ୍ରୋଜେକ୍ଟ ଅପର ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଧର ରାଉତ କହିଛନ୍ତି, ଭିସା ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଆୟୋଜିତ ଏହି ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି । ଏହା ମାଧ୍ୟମରେ ପ୍ରାରମ୍ଭିକ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ଚିହ୍ନଟ ସହ ପ୍ରତିଷେଧକ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ଭିସା ଇଣ୍ଡଷ୍ଟ୍ରିଜ୍ ଗ୍ରୁପ୍‌ର ଏହି 'ସଞ୍ଜୀବନୀ' ଅଭିଯାନ ଯାଜପୁର ଜିଲ୍ଲାରେ ସୁସ୍ଥ ଓ ସଚେତନ ସମାଜ ଗଠନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

No. 13001/1147/2627

OFFICE OF THE NOTIFIED AREA COUNCIL, NILGIRI, BALASORE

No. 1839 Date. 10.07.2026

**"e" Procurement Notice**

**BID Identification No. NLGN_03/2026-27**

The Executive Officer, Nilgiri NAC, Nilgiri, invites Percentage Rate bids in Single Cover Systems for the following work detailed in the table from the Class of Contractors as mentioned in Col.7 of table registered with the State Governments and contractors of equivalent Grade/Class registered with Central Government/MES/Railways/ having experience and expertise in Design, Construction, Testing & Commissioning of Similar Type of Works and fulfilling minimum eligibility criteria as stated here under and other detailed qualifying requirements given in the DTCN to be eventually drawn up in the Standard P-1 Contract Form of Odisha PWD. The bidders may submit their E.M.D. Amount and paper cost as mentioned in DTCN. Affidavit and attested copies of PAN, GSTN, CDMS registration certificate and Registration certificate must be submitted through online. The technical bids will be opened on dt. 23.07.2026 at 11.00AM in the office of the undersigned. The bidders should have necessary portal enrolment (with own digital signature certificate). The registered bidders outside Odisha state can also participate in this on-line tender process after necessary portal enrolment but shall have to subsequently undergo registration with appropriate authority of the state government within a month of acceptance of bid.

| | | |
|---|---|---|
| 1. Name of the Work | : | Construction of Civil work. |
| 2. No. of works | : | 9nos. |
| 3. Estimated Cost | : | Rs 1.5 Lakh to 7.0 Lakh |
| 4. Date &Time of availability | : | 11.07.2026 at 3.00 P.M. to 22.07.2026 up to 5P.M. of Bid documents in the Portal |
| 5. Last date & time for receipt of bids in the portal | : | 22.07.2026 up to 5 P.M. |
| 6. Bids received online shall be opened on | : | 23.07.2026 at 11.00 AM. |
| 7. Name and address of the officer inviting Bid | : | Executive Officer, Nilgiri NAC |

Further details can be seen from the procurement portal i.e. www.tendersodisha.gov.in

Sd/-
Executive Officer
Nilgiri NAC

OIPR. 13001/13179/1/26-27/0003

# ବାଲି ଘାଟ ନିଲାମରେ ଲିଜ ବୃଦ୍ଧି ପାଇଁ ଲାଂଚ ନେବାବେଳେ ଗିରଫ ହେଲେ ଖଣି ଉପନିର୍ଦ୍ଦେଶକ

କଟକ(ନିପ୍ର): କୋରାପୁଟ ଜିଲ୍ଲା ଜୟପୁର ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ଉପନିର୍ଦ୍ଦେଶକ (ଭୂତତ୍ତ୍ୱ)- କମ୍-ଉପନିର୍ଦ୍ଦେଶକ ଖଣି ଶ୍ରୀ ସତ୍ୟଜିତ ରାଉତଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି ଏବଂ ତାଙ୍କୁ ଜୟପୁର ଭିଜିଲାନ୍ସର ମାନ୍ୟବର ସ୍ୱତନ୍ତ୍ର ବିଚାରପତିଙ୍କ କୋର୍ଟକୁ ପଠାଯାଇଛି । ଏହି ସମ୍ପର୍କରେ, କୋରାପୁଟ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୧୪ /ତା-୦୭.୦୭.୨୦୨୬ ରେ ସତ୍ୟଜିତ ରାଉତଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ର ୭ ଧାରା ଅନୁଯାୟୀ ରୁଜୁ କରାଯାଇଥିଲା । ଗତକାଲି ରାତିରେ, ଶ୍ରୀ ସତ୍ୟଜିତ ରାଉତ, ଉପ-ନିର୍ଦ୍ଦେଶକ (ଭୂତତ୍ତ୍ୱ)- କମ୍ -ଉପ-ଖଣି ନିର୍ଦ୍ଦେଶକ, ବାଲି ଘାଟ୍ ନିଲାମରେ ଲିଜ୍ ବୃଦ୍ଧି ଏବଂ ଭବିଷ୍ୟତର ଲାଭ ପାଇଁ ଜଣେ ଲିଜଧାରୀଙ୍କ ଠାରୁ ଟ.୨,୦୦,୦୦୦ଙ୍କା(ଦୁଇ ଲକ୍ଷ ଟଙ୍କା) ଦାବି କରିବା ଏବଂ ଅନୁଚିତ ଲାଂଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ଲିଜଧାରୀ ଘାଟ୍ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକୀୟ ପରିମାଣ ପୂର୍ବରୁ ଜମା କରିଥିଲେ । କିନ୍ତୁ, ଅଭିଯୁକ୍ତ ଶ୍ରୀ ରାଉତ କୌଣସି କାରଣ ବିନା ମାମଲାକୁ ବିଳମ୍ବ କରୁଥିଲେ । ବରଂ, ଶ୍ରୀ ରାଉତ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଲିଜଧାରୀଙ୍କ ଠାରୁ ୨ ଲକ୍ଷ ଟଙ୍କା ଲାଂଚ ଦାବି କରିଥିଲେ । ଅନ୍ୟ କୌଣସି ଉପାୟ ନପାଇ, ସେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଘଟଣା ବିଷୟରେ ରିପୋର୍ଟ କରିଥିଲେ । ଉପରୋକ୍ତ ଅଭିଯୋଗକୁ ଆଧାର କରି, ୦୭.୦୭.୨୦୨୬ ରାତିରେ ଏକ ଜାଲ ବିଛାଯାଇଥିଲା, ଯେଉଁଠାରେ ଅଭିଯୁକ୍ତ ସତ୍ୟଜିତ ରାଉତ, ଉପନିର୍ଦ୍ଦେଶକ (ଭୂତତ୍ତ୍ୱ)- କମ୍-ଉପନିର୍ଦ୍ଦେଶକ ଖଣି ନିର୍ଦ୍ଦେଶକଙ୍କୁ ଓଡ଼ିଶା ଭିଜିଲାନ୍ସର ଦଳ ଜଣେ ଲିଜଧାରୀଙ୍କ ଠାରୁ ଟ.୨,୦୦,୦୦୦ଙ୍କା (ଦୁଇ ଲକ୍ଷ ଟଙ୍କା) ଅନୁଚିତ ଲାଭ (ଲାଂଚ) ଦାବି କରିବା ଏବଂ ନେବା ଅଭିଯୋଗରେ ଗିରଫ କରିଛି । ସାକ୍ଷୀଙ୍କ ଉପସ୍ଥିତିରେ ଶ୍ରୀ ରାଉତଙ୍କ କବଜାରୁ ସମସ୍ତ ଲାଂଚ ଟଙ୍କା ଉଦ୍ଧାର ଏବଂ ଜବତ କରାଯାଇଥିଲା । ଶ୍ରୀ ରାଉତଙ୍କ ଉଭୟ ହାତ ଧୋଇବା ପରେ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ହୋଇଥିଲା, ଯାହା ତାଙ୍କ ଦ୍ୱାରା ଲାଂଚ ଟଙ୍କା ନେବା ଏବଂ ପରିଚାଳନା କରିବା ନିଶ୍ଚିତ କରିଥିଲା । ଏହା ପରେ, ଜୟପୁରର ଲିଙ୍ଗରାଜ ନଗରରେ ଶ୍ରୀ ରାଉତଙ୍କ ଆବାସିକ କୋଠା, ବିଦ୍ୟାଧରପୁର, କଟକରେ ଥିବା ଘର, ଓଲକଣା, ମାହାଙ୍ଗା, ଜିଲ୍ଲା-କଟକରେ ଥିବା ଘର ଏବଂ ତାଙ୍କ କାର୍ଯ୍ୟାଳୟ ଚାମ୍ବରରେ ଏକକାଳୀନ ତଲାସି ଆରମ୍ଭ ହୋଇଥିଲା । ଘର ଖୋଜାଖୋଜି ସମୟରେ, ଜୟପୁରରେ ଥିବା ତାଙ୍କ ଆବାସିକ ଘରୁ ୨.୯୦ ଲକ୍ଷ ଟଙ୍କା ଏବଂ କଟକର ବିଦ୍ୟାଧରପୁରରେ ଥିବା ଘରୁ ୨ ଲକ୍ଷ ଟଙ୍କା ଜବତ କରାଯାଇ ଥିଲା । ମୋଟ ୬.୯୦ ଲକ୍ଷ ଟଙ୍କା ଜବତ ହୋଇଛି । ମାମଲାର ତଦନ୍ତ ଜାରି ରହିଛି ।





ଅନ୍ୟର ଉପଦେଶ ପ୍ରତି ସମ୍ମାନ କର, କିନ୍ତୁ ଅନ୍ଧଭାବରେ ତାକୁ ଗ୍ରହଣ କର ନାହିଁ ।

# ଆଜିକାଲି



ଯାବାନର୍ଥ ଉଦ୍‌ପାନେ ସର୍ବତଃ ସଂପ୍ଲୁତେତାଦକେ
ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

## ଗାଡ଼ି ଯାଂଚ କଡ଼ାକଡ଼ି ହେବ

ବେଆଇନ୍ କାର୍ଯ୍ୟରେ ନିଜ ଗାଡ଼ିକୁ ନିୟୋଜିତ କରୁଥିବା ବ୍ୟକ୍ତି ଆଇନର ହାତରୁ ଖସି ପାରିବେ ନାହିଁ । ଏଥିପାଇଁ ଗାଡ଼ି ପଞ୍ଜିକରଣ ଠାରୁ ଆରମ୍ଭ କରି ମାଲିକାନା ପରିବର୍ତ୍ତନ, ଡିଏଲ୍‌ରେ ଠିକଣା ପରିବର୍ତ୍ତନ ଭଳି କାର୍ଯ୍ୟ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହେବ । ଗାଡ଼ି ମାଲିକଙ୍କ ଠିକଣା, ପରିଚୟ ଓ ଆରଟିଓ ସୀମା ଆଦିର ଯାଂଚ କଡ଼ାକଡ଼ି ହେବ । ଗାଡ଼ି ପଞ୍ଜିକରଣ, ମାଲିକାନା ଓ ଡିଏଲ୍‌ରେ ଠିକଣା ପରିବର୍ତ୍ତନ, ହାଇପୋଥିକେସନ୍ ବାତିଲ, ପରମିଟ୍, ଡିଏଲ୍ ଆଦି ପାଇଁ ଆବେଦନ ଗୁଡ଼ିକ ଉପଯୁକ୍ତ ଯାଂଚ ବିନା ପ୍ରକ୍ରିୟା କରାଯାଉଥିବା ବିଭାଗର ଦୃଷ୍ଟିକୁ ଆସିଛି । ଏହା ଫଳରେ ଭବିଷ୍ୟତରେ କୌଣସି କାରଣବଶତଃ ଗାଡ଼ି ମାଲିକଙ୍କୁ ନୋଟିସ୍ ପଠାଇବା, ଟିକସ/ଜୋରିମାନା ଆଦାୟ କରିବା, ଦୁର୍ଘଟଣା ତଦନ୍ତ ଏବଂ ଅନ୍ୟ ଆଇନଗତ କାର୍ଯ୍ୟ ସମୟରେ ସମସ୍ୟା ଦେଖା ଦେଉଛି । ପରିଚୟ ପତ୍ରରେ ଗୋଟିଏ ଠିକଣା ରହିଥିବା ବେଳେ ଆରଟିଓରେ ଦାଖଲ ହୋଇଥିବା କାଗଜପତ୍ରରେ ଅନ୍ୟ ଠିକଣା ରହୁଛି । ଏହାକୁ ଦୃଷ୍ଟିରେ ରଖି ଆବେଦକଙ୍କ ପରିଚୟ ଓ ଠିକଣା କଡ଼ାକଡ଼ି ଯାଂଚ ପାଇଁ ନିର୍ଦ୍ଦେଶ ଦିଆଯାଉଛି । ନିଷ୍ପତି ଅନୁସାରେ ଏଣିକି ଗାଡ଼ି କ୍ରେତାଙ୍କ ରହୁଥିବା ଠିକଣା ଅବା ତାଙ୍କ ବ୍ୟବସାୟ ସ୍ଥାନ ଯାଂଚ କରାଯିବ । ସବୁ ପ୍ରକାର କାମ ପାଇଁ ଆଧାର ଯାଂଚ ବାଧ୍ୟତାମୂଳକ ହେବ । ଯଦି ଆବେଦନପତ୍ର ଓ ପରିଚୟପତ୍ରରେ ନାମ, ପିତାଙ୍କ ନାମ, ଫୋନ୍ ନମ୍ବର, ଠିକଣା, ଜନ୍ମ ତାରିଖ, ଫଟୋରେ କିଛି ଅସମାନତା ଥାଏ ତା ହେଲେ ତାଙ୍କ ଆବେଦନ ଖାରଚ କରାଯିବ । ପରିବହନ ଗାଡ଼ି ପାଇଁ ଏହି ନିୟମ ଅଧିକ କଡ଼ାକଡ଼ି କରାଯାଇଛି । ମାଲିକାନା ପରିବର୍ତ୍ତନ ସମୟରେ କ୍ରେତାଙ୍କ କାଗଜପତ୍ର ଭଲ ଭାବେ ଯାଂଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ହାଇପୋଥିକେସନ୍ ବାତିଲ ପାଇଁ ଋଣଦାତାଙ୍କ ଠାରୁ ଆପତିବିହନୀ ପ୍ରମାଣପତ୍ର ଆଣିବା ଜରୁରୀ । ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନକାରୀଙ୍କ ଠିକଣା ଓ ପରିଚୟ ଆରଟିଓ ଯାଂଚ କରିବେ । ସେ ରହୁଥିବା ସ୍ଥାନର ଠିକଣା ପ୍ରମାଣପତ୍ର ଦାଖଲ କରିବା ଜରୁରୀ । ଯଦି ଆରଟିଓ ପଠାଇ ଥିବା ନୋଟିସ୍‌କୁ ଗାଡ଼ି ମାଲିକ ଗ୍ରହଣ କରୁ ନାହାନ୍ତି ତା ହେଲେ ସେହି ମାମଲାକୁ ତୁରନ୍ତ ବନ୍ଦ ନ କରି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହାୟତାରେ ତାଙ୍କର ସନ୍ଧାନ କରାଯିବ । ବାରମ୍ବାର ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଥିବା ଗାଡ଼ି ଚାଳକଙ୍କୁ ଖୋଜି ବାହାର କରାଯିବ । ସହ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଉପଯୁକ୍ତ ଯାଂଚ ବିନା ଆବେଦନପତ୍ର ଅନୁମୋଦନ କରୁଥିବା ଆରଟିଓ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯଦି କୌଣସି ଗାଡ଼ି ମାଲିକଙ୍କ ଠିକଣା ଭୂଲ୍ ଥିବା ଜଣାପଡ଼େ ତା ହେଲେ ଅନୁମୋଦନ କରିଥିବା ଅଧିକାରୀଙ୍କୁ ଉତରଦାୟୀ କରାଯିବ ।

# ବ୍ରହ୍ମାଦ୍ରି ଶିଳାବ୍ରହ୍ମ ଶ୍ରୀଅଲାରନାଥ

◆ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ, ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ସୁପରିଚିତ ବ୍ରହ୍ମଗିରିର ଅଲାରନାଥ ମନ୍ଦିର । ଅଣସର ସମୟରେ ହିଁ ସର୍ବାଧିକ ଗୁରୁତ୍ୱ ବହନ କରେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସାଧାରଣ ଅଣସର ଏବଂ ନବକଳେବର ସମୟରେ, ଯେତେବେଳେ ଭକ୍ତମାନେ ଶ୍ରୀମନ୍ଦିରର ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେତେବେଳେ ସେମାନେ ଏଠାକୁ ଆସି ଶ୍ରୀଅଲାରନାଥଙ୍କ ଆଶୀର୍ବାଦ ଲାଭ କରନ୍ତି । ଏହି ଦେବଭୂମି ପୁରୀ ଜିଲ୍ଲାର ବ୍ରହ୍ମଗିରି, ବ୍ରହ୍ମାଦ୍ରୀ, ତଥା ବ୍ରହ୍ମାଚଳରେ ଶିଳାବ୍ରହ୍ମ ରୂପେ ଶ୍ରୀଅଲାରନାଥ ବିଦ୍ୟମାନ ଅଛନ୍ତି । ଯେ'କି ସ୍ୱୟଂ ନାରାୟଣ ସ୍ୱରୂପ । ସମୟ ସହିତ କିଛି ବଦଳି ଯାଇଛି କିନ୍ତୁ ଆଜିବି ସେହି ବ୍ରହ୍ମଗିରି ତା'ର ଅତୀତ ପୃଷ୍ଠଭୂମିକୁ ଜୀବନ୍ତ କରି ରଖିଛି । ପାବନ ବ୍ରହ୍ମଗିରି ଏବଂ ଶ୍ରୀଅଲାରନାଥଙ୍କ ବିଗ୍ରହମୂର୍ତ୍ତି ଉପରେ ଅନେକ ପୌରାଣିକ ଓ ଐତିହାସିକ କଥା ଶୁଣିବାକୁ ମିଳେ । ସେହି ପୌରାଣିକ ବିଷୟକୁ ନେଇ କୁହାଯାଇଛି ଯେ,ରାଜା ଇନ୍ଦ୍ରଦ୍ୟୁମ୍ନ ରାଜତ୍ୱ କାଳରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ମର୍ତ୍ତ୍ୟଭୂମିକୁ ଆସିଥିଲେ । ପ୍ରଥମେ ସେ ଯେଉଁ ମର୍ତ୍ତ୍ୟ ଭୂଖଣ୍ଡରେ ପଦାର୍ପଣ କରିଥିଲେ ସେହି ସ୍ଥାନକୁ ପରବର୍ତ୍ତୀ ସମୟରେ ବ୍ରହ୍ମଗିରି ନାମରେ ନାମିତ କରାଯାଇଛି । ଅନ୍ୟ ଏକ ପୌରାଣିକ କଥା ଅନୁଯାୟୀ ଦିନେ ସୃଷ୍ଟିକର୍ତ୍ତା ବ୍ରହ୍ମା ବିଷ୍ଣୁଙ୍କ ଦର୍ଶନ ଲାଭ କରିବା ପାଇଁ ଅନେକ ବର୍ଷ ଧରି ତପସ୍ୟା କରିଥିଲେ । ବେଦପତିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ୍ ବିଷ୍ଣୁ ଚତୁର୍ଭୁଜ ରୂପ ଧାରଣ କରି ତାହାଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲେ । ବ୍ରହ୍ମା ଯେଉଁ ପର୍ବତ ଉପରେ ତପସ୍ୟା କରିଥିଲେ ସେହି ସ୍ଥାନଟିକୁ ପରବର୍ତ୍ତୀ କାଳରେ ବ୍ରହ୍ମଗିରି ବୋଲି କୁହାଗଲା । ସେହି ସ୍ଥାନରେ ଗୋଲକ ବିହାରୀ ସୃଷ୍ଟିକର୍ତ୍ତାଙ୍କୁ କହିଲେ ହେ ବ୍ରହ୍ମା ! ତୁମେ ମୋର ଏକ ଚତୁର୍ଭୁଜ ମୂର୍ତ୍ତି ନିର୍ମାଣ କରି ଏଠାରେ ପୂଜାର୍ଚ୍ଚନା କର । ଭଗବାନଙ୍କ ଆଜ୍ଞା ପାଳନ କରି ବ୍ରହ୍ମା କଳା ମୁଗୁନି ପଥରରେ ବିଷ୍ଣୁଙ୍କ ଚଳନ୍ତି ପ୍ରତିମା ନିର୍ମାଣ କରିବା ସହ ସେଠାରେ ପୂଜାର୍ଚ୍ଚନା କଲେ । ସେହି ପ୍ରତିମୂର୍ତ୍ତିଟି ସମ୍ପ୍ରତି ଅଲାରନାଥ ନାମରେ ସର୍ବତ୍ର ବିଖ୍ୟାତ । ମହାପ୍ରଭୁ ଶ୍ରୀଅଲାରନାଥଙ୍କ ବିଗ୍ରହଟି କଳାମୁଗୁନି ପଥରରେ ନିର୍ମିତ । ଏହି ମୂର୍ତ୍ତିର ଚାରିପଟେ ତୋରଣ ରହିଅଛି । ତୋରଣ ତଳେ ପାର୍ଶ୍ୱଦେବୀ ରୂପେ ଶ୍ରୀଦେବୀ ଓ ଭୂଦେବୀ ବିଦ୍ୟମାନ । ପଦଯୁଗଳ ତଳେ ଗରୁଡ଼ ପ୍ରାର୍ଥନା ମୁଦ୍ରାରେ ଅବସ୍ଥିତ । ଶ୍ରୀଜୀଉଙ୍କ ଉର୍ଦ୍ଧ୍ୱ ବାମ ହସ୍ତରେ ଶଙ୍ଖ ଓ ଡାହଣ ହସ୍ତରେ ଚକ୍ରଚିହ୍ନ ରହିଛି । ନିମ୍ନ ବାମ ହସ୍ତରେ ଗଦା ଓ ଡାହାଣ ହସ୍ତରେ ପଦ୍ମ ଚିହ୍ନ ବିଦ୍ୟମାନ । ଅତଃ ଶ୍ରୀଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତ୍ତି ନାରାୟଣ କୁହାଯାଏ । ଏହି ପ୍ରଭୁ ଖିରୀ ଖାଇବା ପାଇଁ ଅତିଭଲ ପାଆନ୍ତି । ଏହାକୁ ନେଇ ଏକ ସୁନ୍ଦର କଥା ରହିଛି । ପ୍ରତିଦିନ ସେବକ ଶ୍ରୀଅଲାରନାଥଙ୍କୁ ଭୋଗ କରିଥାଏ । ପରନ୍ତୁ ଦିନେ କୌଣସି କାର୍ଯ୍ୟ ହେତୁ ସେ ବାହାରକୁ ଚାଲି ଯାଇଥିଲେ । ଯିବା ପୂର୍ବରୁ ନିଜ ଛୋଟ ପୁଅକୁ କହିଥିଲେ ଯେ ,ତୁମେ ଠାକୁରଙ୍କୁ ଭୋଗ କରିବ । ଯେପରି ବାପା କହିଥିଲେ ସେ'ପରି ବାଳୁତ ପୁତ୍ରଟି ଶ୍ରୀଅଲାରନାଥଙ୍କ ସମ୍ମୁଖରେ ଗରମ ପୂର୍ଣ୍ଣ ଖିରୀ ପତ୍ରଟି ରଖିଦେଇ ଥିଲା, ତପରେ ଶିଶୁଟି ମହାପ୍ରଭୁଙ୍କୁ ଖାଇବା ପାଇଁ ଭକ୍ତି ସହକାରେ ପ୍ରାର୍ଥନା ମଧ୍ୟ କରିଥିଲା । ସେହି ଅବୋଧ ଶିଶୁର ଭକ୍ତିରେ ପ୍ରୀତ ହୋଇ ପ୍ରଭୁ ସାକାର ରୂପ ଧାରଣ କରିଲେ ଏବଂ ତାତଲା ଖିରୀକୁ ଗ୍ରହଣ କରିବା ବେଳେ ଠାକୁରଙ୍କ ଶ୍ରୀଅଙ୍ଗରେ ଫୋଟକା ହୋଇଗଲା । ସେହି ଚିହ୍ନ ଆଜିବି ଶ୍ରୀଅଲାରନାଥଙ୍କ ମୂର୍ତ୍ତିରେ ଦେଖିବାକୁ ମିଳେ । ଏହି ସ୍ମୃତିରେ ଭକ୍ତମାନେ ଦାରୁବ୍ରହ୍ମଙ୍କ ପନ୍ଦର ଦିନ ଅନବସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବା ସହ ଖିରୀ ଭୋଗ ଗ୍ରହଣ କରନ୍ତି । ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜ୍ଞାତ ହୁଏ ଯେ, ତାମିଲନାଡୁରୁ ଆସିଥିବା ଆଲବର ସମ୍ପ୍ରଦାୟର ବ୍ୟକ୍ତି ବିଶେଷମାନେ ଏହି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ଥାପନ କରିଥିଲେ । ଏହି ସମ୍ପ୍ରଦାୟର ବ୍ରାହ୍ମଣମାନେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ମଧ୍ୟ କରୁଥିଲେ । ପୁରୁଷୋତମ ଚନ୍ଦ୍ରିକାରୁ ଜଣାଯାଏ ଯେ, ଅଲବନ୍ଦ ଆଚାର୍ଯ୍ୟ ନାମକ ଏକ ତାନ୍ତ୍ରିକ ବ୍ରାହ୍ମଣ ଥିଲେ । ସେ ଅନବସର ସମୟରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାର ନିକଟସ୍ଥ ସୋଲାଖିଆ ବଟବୃକ୍ଷରେ ନିଜର ତନ୍ତ୍ର ସାଧନା ବଳରେ ମହୁମାଛିର ଧାରଣ କରିଥିଲେ ଏବଂ ଶ୍ରୀମନ୍ଦିରର ଅଣସର ଗୃହକୁ ପ୍ରବେଶ କରିଥିଲେ । ଉକ୍ତ ସମୟରେ ଦେଖିବାକୁ ପାଇଲେ ସେ ଏକ ଅଷ୍ଟଦଳର ପଦ୍ମ । ତାହା ଦେଖି ଅଲବନ୍ଦ ପଦ୍ମ ଉପରେ ବସିବାକୁ ଉଦ୍ୟମ କରିବା ବେଳେ ପଦ୍ମ ଫୁଲର ପାଖୁଡ଼ାଗୁଡ଼ିକ ଜଣେ ଜଣେ ସୁନ୍ଦରୀ ନାରୀର ରୂପ ଧାରଣ କଲେ, ତା'ସହ ଅଲବନ୍ଦଙ୍କୁ ଉପହାସ କରିବାକୁ ଲାଗିଲେ । ଯାହା ଫଳରେ ସେ ଅପମାନ ପୂର୍ବକ ଶ୍ରୀଜଗନ୍ନାଥଙ୍କ ଦର୍ଶନରୁ ବଂଚିତ ହୋଇଥିଲେ ଏବଂ ସମୁଦ୍ରରେ ପ୍ରାଣ ବିସର୍ଜନ ନିମନ୍ତେ ଉଦ୍ୟମ ମଧ୍ୟ କରିଥିଲେ । ଏ ସମୟରେ ହଠାତ୍ ଏକ ବିରାଟକାୟ ବାନର ତାଙ୍କ ସମ୍ମୁଖରେ ଲମ୍ଫ ପ୍ରଦାନ କରି ଦକ୍ଷିଣ ଦିଗକୁ ଗତି କରିଥିଲା । ଏହା ଭଗବାନଙ୍କ ନିର୍ଦ୍ଦେଶ ଭାବି ସେ ଦକ୍ଷିଣ ଅଭିମୁଖକୁ ଯାତ୍ରା କରି , ବ୍ରହ୍ମଗିରିସ୍ଥ ଅଲାରନାଥ ପୀଠରେ ପହଂଚି ଯାଇଥିଲେ । ସେଠାରେ ଶିଳାରୂପୀ ବିଷ୍ଣୁ ବିଗ୍ରହଙ୍କୁ ଦର୍ଶନ କରିବା ଦ୍ୱାରା ଭାବ ବିହ୍ୱଳିତ ହୋଇଯାଇଥିଲେ । ସେବେଠାରୁ ଅଲ୍ ବିନ୍ଦାଙ୍କ ପ୍ରଭୁ ବା ନାଥ ଅଲ୍ ବିନ୍ଦାନାଥ ହୋଇଥିଲା । ପରେ ଅପଭ୍ରଂଶ ହୋଇ ଶ୍ରୀଅଲାରନାଥ ନାମରେ ନାମିତ ହୋଇଛି । ଗବେଷକମାନଙ୍କ ମତାନୁଯାୟୀ 'ଅଲାରନାଥ' ନାମଟି ଏକ ଦ୍ରାବିଡ଼ ଶବ୍ଦରୁ ଆସିଛି । ଦ୍ରାବିଡ଼ ଶବ୍ଦ 'ଆଲୋୟାର'ର ଅର୍ଥ ଭକ୍ତ । ଅତଃ ଆଲୋୟାରନାଥ ପ୍ରକୃତରେ ଭକ୍ତଙ୍କର ନାଥ । କାଳକ୍ରମେ ଆଲୋୟାରନାଥ ଶବ୍ଦର ଅପଭ୍ରଂଶ ଘଟି ଆଲବନ୍ଦାନାଥ, ଅଲବରନାଥ, ଆଲାରାନାଥ ଏବଂ ପରିଶେଷରେ ସ୍ଥାନୀୟ ଲୋକମୁଖରେ ଏହା 'ଅଲାରନାଥ' ନାମରେ ପ୍ରସିଦ୍ଧି ଲାଭ କରିଛି । ମହାନ ବୈଷ୍ଣବ ସନ୍ଥ ଶ୍ରୀଚୈତନ୍ୟଙ୍କ ଶ୍ରୀକ୍ଷେତ୍ରକୁ ଆଗମନ ସମୟରେ ଅଲାରନାଥଙ୍କ ମହିମା ପୁନର୍ବାର ଲୋକମୁଖରେ ପ୍ରଚାରିତ ହୋଇଥିଲା । ସତ୍ୟଯୁଗରେ ମହାପ୍ରଭୁଙ୍କ ଲୀଳା ବ୍ରହ୍ମଗିରିରେ ପ୍ରକଟ ହୋଇଥିଲେ ହେଁ ଅନେକ କାଳ ଧରି ଏହି ଲୀଳା ଗୁପ୍ତ ହୋଇ ରହି ଯାଇଥିଲା । ଯେତେବେଳେ ଶ୍ରୀଚୈତନ୍ୟ ଅଣସର ସମୟରେ ସେ ଜଗନ୍ନାଥଙ୍କୁ ଦର୍ଶନ ନ ପାଇ ବିରହ ଜ୍ୱାଳାରେ ମ୍ରିୟମାଣ ହୋଇ ପଡ଼ିଥିଲେ । ସେତେବେଳେ ସେ ମହାପ୍ରଭୁଙ୍କ ନିର୍ଦ୍ଦେଶରେ ବ୍ରହ୍ମଗିରିସ୍ଥ ଅଲାରନାଥଙ୍କ ପୀଠରେ ପହଂଚି ନାରାୟଣ ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ । ସେହି ସମୟରେ ଭାବ ବିହ୍ୱଳିତ ହୋଇ ଯାଇଥିଲେ ।ସେଠାରେ ପଡ଼ିଥିବା ଏକ ପ୍ରସ୍ତର ଖଣ୍ଡ ଉପରେ ଦଣ୍ଡବତ ପ୍ରଣିପାତ କରିବା ସମୟରେ ତାଙ୍କ ଶରୀର ଏତେ ଉତପ୍ତ ହୋଇଯାଇଥିଲା ଯେ , ଉକ୍ତ ପ୍ରସ୍ତର ଖଣ୍ଡକଟି ଶ୍ରୀଚୈତନ୍ୟ ଶରୀରର ଭିନ୍ନ ଭିନ୍ନ ଅଙ୍ଗର ଆକାର ଅନୁଯାୟୀ ତରଳି ଯାଇଥିଲା । ଏବେ ବି ସେହି ପ୍ରସ୍ତର ଖଣ୍ଡିକ ସର୍ବାଙ୍ଗ ଶିଳା ଭାବେ ମନ୍ଦିର ପରିସରରେ ପୂଜିତ ହେଉଛି । ଶ୍ରୀଚୈତନ୍ୟ ପନ୍ଥୀ ଗୌଡ଼ୀୟ ବୈଷ୍ଣବମାନେ ଏହି ପୀଠକୁ ଆଗମନ କରି ପ୍ରଭୁ ଶ୍ରୀଅଲରନାଥଙ୍କୁ ଦର୍ଶନ କରିବା ସହିତ ସେହି ସର୍ବାଙ୍ଗ ଶିଳାକୁ ପ୍ରଣିପାତ କରିଥାନ୍ତି । ସନାତନ ଧର୍ମାବଲମ୍ବୀମାନଙ୍କର ଏକ ପବିତ୍ର ଆଧ୍ୟାତ୍ମିକ ସ୍ଥଳୀ ଭାବେ ଏହା ଅତ୍ୟନ୍ତ ସୁପରିଚିତ । ଏହି ଅଲାରନାଥଙ୍କ ପ୍ରାଚୀନ ମନ୍ଦିରଟି ଏକ ସୂକ୍ଷ୍ମ କାରୁକାର୍ଯ୍ୟରେ ବିମଣ୍ଡିତ । ଅନବସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିବା ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ଏହା କେବଳ ଏକ ମନ୍ଦିର ନୁହେଁ, ବରଂ ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଏବଂ ଭକ୍ତି ପରମ୍ପରାର ଏକ ଜ୍ୱଳନ୍ତ ନିଦର୍ଶନ । ଅନବସର ସମୟରେ ପ୍ରଭୁ ଶ୍ରୀଅଲାରନାଥଙ୍କ ଆଶୀର୍ବାଦ ଓ ଦର୍ଶନ ଭକ୍ତଙ୍କୁ ଏକ ନୂତନ ଆଧ୍ୟାତ୍ମିକ ଅନୁଭୂତି ପ୍ରଦାନ କରିଥାଏ । ଜୟ ଶିଳା ବ୍ରହ୍ମ ଶ୍ରୀଅଲାରନାଥ ।



*ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ,କବିସୂର୍ଯ୍ୟ ନଗର, ୯୮୬୧୩୩୪୮୬୮*

# ଜନ୍ମ ଜୟନ୍ତୀ

## ଗଙ୍ଗାଧର ପାଇକରାୟ

◆ ଯୁଧିଷ୍ଠିର ମହାରଣା



ପ୍ରାକ୍ ସ୍ୱାଧୀନତା କାଳରେ ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ, ଭାରତୀୟ ଜାତୀୟ କଂଗ୍ରେସ ଛାଡ଼ି କମ୍ୟୁନିଷ୍ଟ ଦଳରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଗଙ୍ଗାଧର ପାଇକରାୟ ଅନ୍ୟତମ । ସେ ବାଲ୍ୟକାଳରୁ ହିଁ ପିତା ରାଜୀବ ପାଇକରାୟଙ୍କ ସ୍ୱାଧୀନଚେତା ତଥା ଜାତୀୟବାଦୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ବୋଲଗଡ଼ର ଏକ ବିଦ୍ୟାଳୟରେ ପଢୁଥିବା ବେଳେ ମହାତ୍ମା ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ବୋଲଗଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । ତାଙ୍କ ଭାଷଣ ବାଳକ ଗଙ୍ଗାଧରଙ୍କୁ ଅନୁପ୍ରାଣିତ କରିଥିଲା । ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ବିଦ୍ୟାଳୟରୁ ବହିଷ୍କୃତ ହୋଇ ଥିଲେ । ବସ୍ତାନିରେ ସବୁ ଦିନ ପାଇଁ ଡୋରି ବନ୍ଧା ହୋଇ ଯାଇଥିଲା । ସତର ବର୍ଷ ବୟସର ହେବା ବେଳକୁ ସେ ସ୍ୱାଧୀନତା ସଂଗ୍ରାମର ଅଗ୍ରଣୀ ସୈନିକ । ଏହି କଂଚା ବୟସରେ ଗିରଫ ହୋଇ ପାଟନା କାରାଗାରରେ ରହିଥିଲେ । ସେତେବେଳେ ସେ ଥିଲେ ସବୁଠାରୁ କନିଷ୍ଠ ବନ୍ଦୀ । କାରାଗାର ରହଣି କାଳରେ ବିଭିନ୍ନ ପୁସ୍ତକ ପାଠ କରି ଜ୍ଞାନ ଆହରଣ କରିଥିଲେ । ମୁକ୍ତିଲାଭର କିଛି କାଳ ପରେ ୧୯୩୪ରେ କଂଗ୍ରେସର କାର୍ଯ୍ୟଧାରା ଆଉ ପସନ୍ଦ ନ ହେବାରୁ ଦଳ ଛାଡ଼ି, କଂଗ୍ରେସ ସୋସାଲିଷ୍ଟ ପାର୍ଟିରେ ଯୋଗଦେଇଥିଲେ । ତାହାପରେ ୧୯୪୩ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି । ଗଙ୍ଗାଧର ଥିଲେ କୃଷକ, ଖଟିଖିଆ, ଅତ୍ୟାଚାରିତଙ୍କ ପରମ ବନ୍ଧୁ । ତାଙ୍କର ସରଳ ବ୍ୟବହାର ସମସ୍ତଙ୍କୁ ଆକର୍ଷିତ କରୁଥିଲା । ସେ ଶେଷ ପର୍ଯ୍ୟନ୍ତ କମ୍ୟୁନିଷ୍ଟ ଦଳରେ ହିଁ ଥିଲେ । ଏହି ଦଳରୁ ଲଢ଼ି ସେ ଚାରି ଚାରି ଥର ବେଗୁନିଆର ବିଧାୟକ ହୋଇପାରିଥିଲେ । ୧୯୧୫ ଜୁଲାଇ ୧୨ ତାରିଖ ଦିନ ସାନପଦର ଗ୍ରାମରେ ସେ ଜନ୍ମ ହୋଇ ଥିଲେ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ: ୯୪୩୭୧୬୩୫୨୮*

# ଭାରତର ଗ୍ରାମୀଣ ବିକାଶରେ ଏକ ନୂତନ ସୂର୍ଯ୍ୟୋଦୟ



ଭାରତ ବର୍ଷର ଗ୍ରାମୀଣ ଅର୍ଥନୀତି ଏବଂ ଶ୍ରମିକ କଲ୍ୟାଣ ଇତିହାସରେ ଆଜି ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି, ଯେଉଁଠାରେ ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲି ଆସିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ର ସ୍ଥାନ ନେଇଛି ଅତ୍ୟନ୍ତ କାଳୋପଯୋଗୀ ଏବଂ ସମୟୋପଯୋଗୀ 'ବିକଶିତ ଭାରତ-ଗ୍ୟାରେଂଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ), ବା 'ଭିବି-ଜି ଆରଏଏମ୍ ଜି' (ଠଈ-ଏ ଜଇଗ ଏ) ଆଇନ, ୨୦୨୫, ଯାହା ଆଜିଠାରୁ ସମଗ୍ର ଦେଶର ଗ୍ରାମାଚଂଳରେ କାର୍ଯ୍ୟକାରୀ ହୋଇଛି ଏବଂ ଏହି ପରିବର୍ତ୍ତନ କେବଳ ଏକ ଆଇନର ପରିବର୍ତ୍ତନ ନୁହେଁ, ବରଂ ଏହା ଗ୍ରାମୀଣ ଭାରତର ବିକାଶ ପଥରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ନୂତନ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଯୁକ୍ତ କର୍ମନିଯୁକ୍ତିର ସୁନିଶ୍ଚିତ ଗ୍ୟାରେଂଟି ପ୍ରଦାନ କରିବା ସହ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯାହା ପାଇଁ ଚଳିତ ଆର୍ଥିକ ବର୍ଷରେ ୯୫,୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇ ଥିବା ସରକାରୀ ଭାବେ ଘୋଷଣା କରାଯାଇଛି । ମନରେଗାର ୧୦୦ଦିନର ନିଯୁକ୍ତି ବ୍ୟବସ୍ଥାକୁ ୨୫ଦିନ ବୃଦ୍ଧି କରି ମୋଟ ୧୨୫ ଦିନ କରିବା ପଛରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ପରିବାରଗୁଡିକର ଆୟ ନିରାପତାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଯାହା ଫଳରେ ସେମାନେ ମଧ୍ୟ ଭାରତର ୨୦୪୭ ସୁଦ୍ଧା 'ବିକଶିତ ଭାରତ' ହେବାର ସ୍ୱପ୍ନରେ ସାମିଲ ହୋଇପାରିବେ । କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଉପଲକ୍ଷେ ସ୍ପଷ୍ଟ କରିଛନ୍ତି ଯେ, କୌଣସି ଜଣେ ହେଲେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି କାମ ବିନା ଗୋଟିଏ ଦିନ ମଧ୍ୟ ନରୁହନ୍ତି, ତାହା ହିଁ ଏହି ନୂତନ ଆଇନର ମୂଳ ଲକ୍ଷ୍ୟ, ଯେଉଁଥିପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳଗୁଡିକ ସହ ମିଶି ସମସ୍ତ ପ୍ରଶାସନିକ, ଆର୍ଥିକ ଏବଂ ବୈଷୟିକ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି । ଏହି ନୂତନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତ୍ତୀ ମଜୁରି ପୈଠ ଏବଂ ଉତରଦାୟିତ୍ୱ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି, ଯାହା ପୁରୁଣା ବ୍ୟବସ୍ଥାରେ ଥିବା ବହୁ ସମସ୍ୟାର ସମାଧାନ କରିବାରେ ସହାୟକ ହେବ । ଏଥିସହିତ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆଯାଇ ନପାରେ, ତେବେ ଶ୍ରମିକମାନଙ୍କୁ ବେକାରୀ ଭତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ଏହି ଆଇନରେ ରହିଛି, ଯାହା ଶ୍ରମିକଙ୍କ ଅଧିକାରକୁ ଅଧିକ ସୁଦୃଢ଼ କରିବ । ଏହି ନୂତନ ଆଇନର କାର୍ଯ୍ୟକାରିତା ଦ୍ୱାରା କେବଳ ଶ୍ରମିକଙ୍କ ମଜୁରି ବୃଦ୍ଧି ପାଇବ ନାହିଁ, ବରଂ ଗ୍ରାମାଚଂଳରେ ସ୍ଥାୟୀ ସମ୍ପତି ନିର୍ମାଣ ହେବା ସହ ଗ୍ରାମୀଣ ଭିତିଭୂମି ମଜବୁତ ହେବ, ଯାହା ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିର ବାର୍ତ୍ତାବହ ହେବ । ସରକାର ଦୃଢ଼ ପ୍ରତିଜ୍ଞା ଯେକୌଣସି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗ୍ରାମାଚଂଳର ପ୍ରତ୍ୟେକ ଶ୍ରମିକଙ୍କ ହାତକୁ କାମ ଦେବା ସରକାରଙ୍କ ପ୍ରାଥମିକତା ରହିବ, ଯେଉଁଥିପାଇଁ ବଜେଟ୍ ପ୍ରବନ୍ଧନଠାରୁ ଆରମ୍ଭ କରି କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସଜାଗ କରାଯାଇଛି । ପୁରୁଣା ଆଇନ ସମୟରେ ଅନେକ ସମୟରେ ମଜୁରି ପୈଠରେ ବିଳମ୍ବ ଏବଂ କାର୍ଯ୍ୟ ଯୋଗାଣରେ ଅନିଶ୍ଚିତତା ଦେଖାଦେଉଥିଲା, ମାତ୍ର ଭିବି-ଜି ଆରଏଏମ୍ ଜି ଆଇନ ସେହି ସମସ୍ତ ସମସ୍ୟାକୁ ଦୂର କରି ଏକ ସ୍ୱଚ୍ଛ ଓ ଉତରଦାୟୀ ବ୍ୟବସ୍ଥା ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ଭାରତରେ ପରିବର୍ତ୍ତନର ନୂତନ ସୂର୍ଯ୍ୟୋଦୟ ଆଣିବ । ଏହି ଆଇନର ଗୁରୁତ୍ୱ ଏତିକିରେ ସରିଯାଉ ନାହିଁ, ବରଂ ଏହା ଗ୍ରାମାଚଂଳରେ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିବ । ଗ୍ରାମାଚଂଳରୁ ସହରାଚଂଳକୁ ହେଉଥିବା ଦାଦନ ଖଟିବା ପାଇଁ ଶ୍ରମିକଙ୍କ ସ୍ଥାନାନ୍ତରଣକୁ କିଛି ମାତ୍ରାରେ କମାଇବାରେ ଏହି ଆଇନ ସହାୟକ ହେବ, କାରଣ ଏଠାରେ ସେମାନଙ୍କୁ ନିଜ ଗାଁରେ ରହି କାର୍ଯ୍ୟ ଓ ବେତନ ପାଇବାର ସୁବିଧା ମିଳିବ । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଗ୍ରାମୀଣ ଅର୍ଥନୀତିର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହି ନୂତନ ଆଇନ ଏକ ଦୃଢ଼ ସୋପାନ ସଦୃଶ । କାର୍ଯ୍ୟକାରିତା ସମୟରେ ସରକାର ସ୍ପଷ୍ଟ କରିଛନ୍ତି ଯେ, ଚାଲୁଥିବା ସମସ୍ତ କାର୍ଯ୍ୟ ଅବ୍ୟାହତ ରହିବ ଏବଂ ଏହି ନୂତନ ଆଇନ ଅନ୍ତର୍ଗତ ସେଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ, ଯାହାଦ୍ୱାରା କାର୍ଯ୍ୟରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ହେବ ନାହିଁ । ବୈଷୟିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଆଇନରେ ଡିଜିଟାଲ ବ୍ୟବସ୍ଥାକ ଅଧିକ ଗୁରୁତ୍ୱ ଦିଆଯାଇଛି, ଯାହାଦ୍ୱାରା ହିତାଧିକାରୀଙ୍କ ଖାତାକୁ ସିଧାସଳଖ ମଜୁରି ପହଂଚିବା ସହ ଦୁର୍ନୀତିର ସମ୍ଭାବନାକୁ ଶୂନ୍ୟ କରିଦିଆଯିବ । ତୃଣମୂଳ ସ୍ତରରେ ପଂଚାୟତିଗୁଡିକର ଭୂମିକାକୁ ଅଧିକ ସକ୍ରିୟ କରାଯିବ, ଯାହାଦ୍ୱାରା ଗ୍ରାମାଚଂଳର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ଚୟନ କରାଯାଇ ପାରିବ । ଭିବି-ଜି ଆରଏଏମ୍ ଜି ଆଇନ୍ କେବଳ କର୍ମନିଯୁକ୍ତି ଦିଏ ନାହିଁ, ବରଂ ଏହା ଗ୍ରାମାଚଂଳରେ ସମ୍ପତି ସୃଷ୍ଟି (Asset Creation) କରେ, ଯେପରିକି ଜଳ ସଂରକ୍ଷଣ, ରାସ୍ତା ନିର୍ମାଣ ଏବଂ କୃଷି ଭିତିଭୂମିର ବିକାଶ, ଯାହାଦ୍ୱାରା ଗାଁର ଦୀର୍ଘକାଳୀନ ବିକାଶ ସମ୍ଭବ ହୋଇପାରିବ । କେନ୍ଦ୍ର ସରକାରଙ୍କ ଏହି ସାହସିକ ପଦକ୍ଷେପକୁ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଗତ କରାଯାଉଛି, କାରଣ ଏହା ଗ୍ରାମୀଣ ଭାରତର ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସାହାଯ୍ୟ କରିବ । ଶ୍ରମିକମାନଙ୍କ ମଧ୍ୟରେ ଏହି ଆଇନକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି, କାରଣ ୧୨୫ଦିନର କାମ ସେମାନଙ୍କ ପାଇଁ ବର୍ଷସାରା ଆର୍ଥିକ ନିରାପତାର ବଡ ଭରସା । ସମୟର ପରିବର୍ତ୍ତନ ସହ ଆଇନର ପରିବର୍ତ୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, ମାତ୍ର ଏହି ପରିବର୍ତ୍ତନ ଯେପରି ଜନହିତକର ହେବ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭିବି-ଜି ଆରଏଏମ୍ ଜି । ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବାର୍ତ୍ତା ସ୍ପଷ୍ଟ, ଯେଉଁଥିରେ ସେ କହିଛନ୍ତି ଯେ ସରକାରୀ ଯନ୍ତ୍ରଣା ଏବେ ସମ୍ପୂର୍ଣ୍ଣ ରୂପେ ସଜାଗ ଏବଂ କୌଣସି ପରିସ୍ଥିତିରେ ଯୋଗ୍ୟ ଶ୍ରମିକ ନିଯୁକ୍ତିରୁ ବଂଚିତ ହେବେ ନାହିଁ । ଏହି ଆଇନର ସଫଳ ରୂପାୟନ କେବଳ ସରକାରୀ ସ୍ତରରେ ସୀମିତ ନୁହେଁ, ବରଂ ଏଥିରେ ଜନସାଧାରଣ ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଏହି ଆଇନର କାର୍ଯ୍ୟକାରିତା ସହିତ ଗ୍ରାମୀଣ ଭାରତରେ ନୂତନ ଅର୍ଥନୈତିକ ସୁଯୋଗର ଦ୍ୱାର ଖୋଲିବ ଏବଂ ଆଗାମୀ ଦିନରେ ଏହା ଭାରତକୁ ବିକଶିତ ରାଷ୍ଟ୍ର କରିବାରେ ମାଇଲଖୁଂଟ ସାବ୍ୟସ୍ତ ହେବ, ଯାହା ପାଇଁ ପ୍ରତ୍ୟେକ ଭାରତୀୟ ଆଶାବାଦୀ । ଏହି ଆଇନର ସଫଳତା ପାଇଁ ସରକାରଙ୍କ ତରଫରୁ ନିରନ୍ତର ମନିଟରିଂ ଓ ଇଭାଲୁଏସନ୍ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି, ଯାହାଦ୍ୱାରା ଯଦି କୌଣସି ସମସ୍ୟା ଦେଖାଦିଏ, ତେବେ ତୁରନ୍ତ ତାହାର ସମାଧାନ କରାଯାଇପାରିବ । ଶେଷରେ, ଭିବି-ଜି ଆରଏଏମ୍ ଜି ଆଇନ, ୨୦୨୫ ଗ୍ରାମୀଣ ଭାରତର ଭାଗ୍ୟ ବଦଳାଇବାରେ ଏକ ବଳିଷ୍ଠ ଅସ୍ତ୍ର ଭାବେ କାର୍ଯ୍ୟ କରିବ, ଯାହା ଶ୍ରମିକଙ୍କୁ ଗରିବୀ ମୁକ୍ତ କରିବା ସହ ଦେଶର ବିକାଶ ଯାତ୍ରାରେ ସେମାନଙ୍କୁ ସମାନ ଭାଗୀଦାର କରିବ ଏବଂ ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି, ଯାହାର ଫଳାଫଳ ଆଗାମୀ ଦିନରେ ନିଶ୍ଚିତ ଭାବରେ ଗ୍ରାମୀଣ ଭାରତର ଚିତ୍ର ବଦଳାଇ ଦେବ ।

**ସୌଭାଗ୍ୟ ରଂଜନ ମହାନ୍ତି**

ମୋ-୯୪୩୭୯୯୪୩୭୯











# ରଥଯାତ୍ରା ପାଇଁ ପୌରପାଳିକା ପକ୍ଷରୁ ସହାୟତା ପ୍ରଦାନ

## ୬ ଲକ୍ଷ ଟଙ୍କାର ଚେକ ପ୍ରଦାନ କଲେ ନଗରପାଳ

ବାରିପଦା : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପ୍ରସିଦ୍ଧ ବାରିପଦାରେ ରଥଯାତ୍ରା ଆୟୋଜନ ହେବାକୁ ଯାଉଛି. ରଥ ଯାତ୍ରା ସୁପରିଚାଳନା କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ୬ ଲକ୍ଷ ଟଙ୍କା ସହାୟତା ରାଶି ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି. ଶୁକ୍ରବାର ବାରିପଦା ଉପ ଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ୬ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି. ରଥଯାତ୍ରାକୁ ଆହୁରି ସରସ ସୁନ୍ଦର କରିବା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି ବୋଲି ନଗରପାଳ ଶ୍ରୀ ମହାନ୍ତି କହିଛନ୍ତି. ରଥ ଯାତ୍ରାରେ ବାରିପଦା ସହରରେ ପ୍ରବଳ ଜନ ସମାଗମ ହେବ.



ଏହାକୁ ଦୃଷ୍ଟିରେ ରଖି ବାରିପଦା ପୌରପାଳିକା ପକ୍ଷରୁ ସହରକୁ ପରିମଳ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି. ଏହାସହିତ ବଡ ଦାଣ୍ଡକୁ ରଥଯାତ୍ରା ନିମନ୍ତେ ରଙ୍ଗ ବେରଙ୍ଗ ରଙ୍ଗୋଲିରେ ସଜେଇବା, ଅସ୍ଥାୟୀ ଦୋକାନ ଓ ମୀନା ବଜାର ଓ ସୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି. ଉକ୍ତ କାର୍ଯ୍ୟକ୍ରମରେ ଉପ ନଗରପାଳ ସୀମା ଦାସ, କାଉନସିଲର ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁକେଶିନି ସେଠି, ପ୍ରଭାତ ମହାନ୍ତି, ମହେଶ ଭଞ୍ଜଦେଓ, ସୁଧୀର ବାରିକ, ପୂଜା ତରେଇ, ଶିବ ଶଙ୍କର ପାତ୍ର ଓ ଅନ୍ୟାନ୍ୟ ୱାର୍ଡ କାଉନସିଲର ଉପସ୍ଥିତ ଥିଲେ ।

# ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଭୁବନ : (ହି.ସ.) – ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଭୁବନ ନଗର ଶାଖା ଆନୁକୂଲ୍ୟରେ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ ଓ ଭୁବନ ମହିଳା ମହାବିଦ୍ୟାଳୟ ପରିସରରେ ସଂଗଠନର ୭୮ତମ ସ୍ଥାପନ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହେବା ସଙ୍ଗେ ସଙ୍ଗେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଏହି ମହତ୍ ସାମାଜିକ ଓ ସାଂଗଠନିକ କାର୍ଯ୍ୟକ୍ରମରେ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ବିଡ଼ିଓ ଭୁବନ ଆୟୁଷି ମହାପାତ୍ର, କାମାକ୍ଷାନଗର ଉପ ଜିଲ୍ଲାପାଳ ବିକାଶ ଚନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସେହିଭଳି ଭୁବନ ମହିଳା ମହାବିଦ୍ୟାଳୟ ରେ ଏବିଭିପିର ଓଡ଼ିଶା ପ୍ରାନ୍ତ ପ୍ରମୁଖ ତଥା ରାଷ୍ଟ୍ରିୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଅଧ୍ୟାପକ ଦିଲ୍ଲୀପ୍ କୁମାର ଦାସ , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂଜା ପ୍ରଧାନ, ନଗର ସଭାପତି ଥବିର ଭୋଇ, ନଗର ସମ୍ପାଦକ ଜ୍ଞାନ ରଞ୍ଜନ ଗୁରୁ, ଛାତ୍ର ନେତା ପ୍ରଜ୍ଞରଞ୍ଜନ ସାହୁ, ବିଶ୍ୱଜିତ୍ ବେହେରା, ପ୍ରଶାନ୍ତ ଦାସ, ସ୍ମୃତିରଞ୍ଜନ ସାହୁ ଓ ନଗର ଛାତ୍ରୀ ନେତ୍ରୀ ଶ୍ରୀୟା ବାରିକ, ଜ୍ୟୋସ୍ନାଙ୍କ ସହ ନଗର ଶାଖା ର ସମସ୍ତ ପୁରାତନ ଓ ବର୍ତ୍ତମାନ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ ବିଦ୍ୟାର୍ଥୀ ପରିଷଦର ଦେଶ ଗଠନ ପ୍ରକ୍ରିୟା ଓ ଶିକ୍ଷା କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟର ଅଗଣିତ ଛାତ୍ରଛାତ୍ରୀ ଏବଂ ସଂଗଠନର କର୍ମକର୍ତା ମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ ।

# ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନ : ( ହି ସ ) ଢ଼େଙ୍କାନାଳ ଜିଲ୍ଲା ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି । ଭାରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ମହାବିଦ୍ୟାଳୟଟି ୫୧ ବର୍ଷ ପୂର୍ବେ ଆଜିର ଦିନରେ ସହିଦ୍ ବାଜି ରାଉତଙ୍କ ନାମରେ ପ୍ରତିଷ୍ଠା ହୋଇ ଶିକ୍ଷା, ସଂସ୍କୃତି ର ଉଜ୍ଜ୍ୱଳ ପ୍ରତୀକ ଭାବେ ଦିନକୁ ଦିନ ଅଗ୍ରଗତି କରିଚାଲିଛି । ଛାତ୍ର ଛାତ୍ରୀ ମାନେ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ପ୍ରାପ୍ତି ହେବା ସହ କଲେଜ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ବିଧାୟକ ଶ୍ରୀଯୁକ୍ତ ଜେନା ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଡ଼ିଓ ଶ୍ରୀମତୀ ଆୟୁଷୀ ମହାପାତ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ପୁରାତନ ଛାତ୍ର ଛାତ୍ରୀ ମାନେ ସହଯୋଗ କରିବା ଜରୁରୀ ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ କାମାକ୍ଷାନଗର ଉପ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକାଶ କୁମାର ମହାନ୍ତି,ଅଧାପକ ଅନିଲ କୁମାର ଧୀର ଯୋଗଦେଇଥିଲେ । ମୋ କଲେଜ, ମୋ ଗୌରବ ସଂଯୋଜକ ଅଧାପକ ପ୍ରଭାତ କୁମାର ଜେନା ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧକ୍ଷ ଶ୍ରୀଯୁକ୍ତ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଆରେ ମହାବିଦ୍ୟାଳୟ ର ସଫଳତା ଓ ଅଭାବ ଅସୁବିଧା ସଂପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ଧନ୍ୟବାଦ ଅର୍ପଣ କରିଥିଲେ । ଏ ବି ଭି ପି ର ପ୍ରତିଷ୍ଠା ଦିବସ ଅବସରରେ କଲେଜ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଅଧାପକ,ଅଧାପିକା ଓ କର୍ମଚାରୀ ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

# ଚମ୍ପୁଆ ଉପଖଣ୍ଡସ୍ତରୀୟ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ

ଚମ୍ପୁଆ : ଚମ୍ପୁଆ ଦଧିବାମନ ଜୀଉଙ୍କର ପବିତ୍ର ରଥଯାତ୍ରା କିପରି ସୂଚାରୁ ରୂପେ ସମ୍ପାଦନ ହୋଇପାରିବ ସେଥିନିମନ୍ତେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଅଧକ୍ଷତାରେ ଉପଖଣ୍ଡ ସ୍ତରୀୟ ସମସ୍ତ ଅଧିକାରୀ ଓ ପରିଚାଳନା କମିଟିଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡ, ଏସଡିପିଓ ରଶ୍ମି ରଞ୍ଜନ ସାହୁ, ତହସିଲଦାର ସତ୍ୟବ୍ରତ ସାହୁ, ଚମ୍ପୁଆ ଏସଡିଏମଓ ବିଜୟ କେତନ ଦାସ, ଓକିଲ ସଂଘ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଚମ୍ପୁଆ ସହକାରୀ ଜିଲ୍ଲାପାଳ ସୌମେନ୍ଦ୍ର ଦାସ, ଚମ୍ପୁଆ ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁନୁ ହାଁସଦା, ଅଗ୍ନିଶମ ବିଭାଗ ଅଧିକାରୀ ଗୌରାଙ୍ଗ ସିଂ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ମୁଖ୍ୟ କିରାଣୀ ପ୍ରକାଶ କୁଣ୍ଡୁ, ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ, ମହିଳା ମହାବିଦ୍ୟାଳୟ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ, ମହତାବ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଏନସିସି ଅଫିସର ଗିରିଶ ଚନ୍ଦ୍ର ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନଚାର୍ଯ୍ୟ ଶରତ ଚନ୍ଦ୍ର ପ୍ରଧାନ, ଏନସିସି ଅଫିସର ବସନ୍ତ କୁମାର ମହାନ୍ତ, ପରିଚାଳନା କମିଟି ସଦସ୍ୟ ଧିରୋଜ ଚାଉଡା, ବିଷ୍ଣୁ ଚରଣ ପାଣି, ଧରଣୀଧର ଦାସ, ତରୁଣ ସାହୁ, ଅରୁଣ ପତି, ମୁଖ୍ୟ ପୂଜକ ଚମ୍ପେଶ୍ୱର ମିଶ୍ର, ସ୍ୱାଧିନ କୁମାର ସିଂ, ହବି ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରିଥିଲେ । ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ କାର ?୫୫ଖସଡା ଚୂଡାନ୍ତ କରାଯାଇଥିଲା । ସେଥି ନିମନ୍ତେ ଏକ କୋର କମିଟି ଗଠନ କରି ତାର ତଦାରଖ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ରଥଦଉଡ଼ି, କର୍ଡନ ଦଉଡ଼ି, ରଥଟଣା, ସୁରକ୍ଷିତ ପ୍ରସାଦ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ରଥ ସାଜସଜ୍ଜା, ଟ୍ରାଫିକ ପରିଚାଳନା, ପୋଲିସ ସହାୟତା କେନ୍ଦ୍ର, ସୂଚନା କେନ୍ଦ୍ର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପାନୀୟଜଳ ଯୋଗାଣ ବ୍ୟବସ୍ଥା, ବୟସ୍କ ବ୍ୟକ୍ତିଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରା ଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ ନିତିକାନ୍ତି ଉପରେ ଆଲୋଚନା କରାଯାଇଥିଲା । ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଚମ୍ପୁଆ ସହିତ ଉପଖଣ୍ଡର ଝୁମ୍ପୁରା, ଯୋଡ଼ା ମ୍ୟୁନିସିପାଲିଟି, ଯୋଡ଼ା ବ୍ଲକ, ବଡ଼ବିଲ ଆଦି ଅଂଚଳର ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

# ଗାୟତ୍ରୀ ମହାଯଜ୍ଞ ନେଇ ପ୍ରସ୍ତୁତି ବୈଠକ

ଜୟପୁର : (ହି.ସ.) – ଜୟପୁରସ୍ଥିତ ଶ୍ରୀ ଆଗ୍ରସେନ ଭାବନରେ ସଭାପତି ପ୍ରକାଶ ନାୟକଙ୍କ ଅଧକ୍ଷୟତା ରେ ଏକ ଆଧାତ୍ମିକ ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ ଶାନ୍ତି କୁଞ୍ଜରୁ ଆସିଥିବା ଭାଇ ମୁଖ୍ୟ ବକ୍ତା ମଙ୍ଗଳ ସିଂହ ଗଡବଲ ବହୁତ ସରଳ ଭାବରେ ଗାୟତ୍ରୀ ମନ୍ତ୍ର ଏବଂ ଯଜ୍ଞ ବିଷୟରେ ବୁଝାଇଥିଲେ । ଓଡ଼ିଶାର ମୁଖ୍ୟ ଜୋନ ପରିଚାଳକ, ସୌମିତ୍ରା ଥନପତି ନୃରସିଂହ ସିଂହ, ରାୟଗଡା ଜିଲ୍ଲା ପରିଚାଳକ, ବାଲ୍ମୀକି ପ୍ରଧାନ ତିନଟି ଜିଲ୍ଲାର ପରିଚାଳକ ଉପସ୍ଥିତି ଥିଲେ । ଏବଂ ମୁଖ୍ୟ ଅତିଥି ତାରା ପ୍ରସାଦ ବାହିନୀପତି ବିଧାୟକ ଜୟପୁର ମନୁଷ୍ୟ କିପରି ଖୁସିରେ ରହି ପାରିବ, ଲୋକେ ଶୃଙ୍ଖଳିତ କିପରିରହିବେ, ପିଲାଙ୍କୁ ସଂସ୍କାର କରିବା କଥା ଏବଂ ନିଜେ ଭଲ ମଣିଷ ହେବା କଥା କହିଥିଲେ । ଅସାନ୍ତାରୁ କିପରି ମୁକ୍ତି ପାଇପାରିବେ, ଠକାମୀ ଠାରୁ କିପରି ଦୁରେଇ ରହିପାରିବେ ଏଭଳି ଅନେକ କଥା କହି ସମସ୍ତଙ୍କ ମଙ୍ଗଳ ହେବା କଥା କହିଥିଲେ । ଯାହାକି ଆମେ ଆମ ବଡ଼ଙ୍କ ଠାରୁ ଶିଖିବା କଥା ବୋଲି ବୁଝାଇ ଥିଲେ । ବିଭିନ୍ନ କମିଟି ତିଆରି କରି ସମସ୍ତଙ୍କ ସାହାଯ୍ୟ ରେ ଆମେ ଏହି କାର୍ଯ୍ୟକୁ ଭଲ ଭାବରେ କରିବା ବୋଲି କହିଥିଲେ । ଆୟୋଜକ ଜୟପୁର ଗାୟତ୍ରୀ ପରିବାର ପ୍ରସ୍ତୁତି ବୈଠକ ଆୟୋଜନ କରିଥିଲେ ଏବଂ ଆଗାମି ଦିନରେ ପଟନାୟକ ଗୁଡା ଠାରେ ହେବାକୁ ଯାଉଛି ୨୫୧ କୁଣ୍ଡିୟ ଗାୟତ୍ରୀ ମାହାୟଜ୍ଞ୍ୟ କିପରି ସୁରୁଖୁରୁରେ ହୋଇ ପାରିବ ଆଲୋଚନା କରିଥିଲେ । ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଜ୍ଞାନୀ ଗୁଣି ବ୍ୟକ୍ତିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ଶେଷ ହୋଇଥିଲା । ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଅବିଭକ୍ତ କୋରାପୁଟ ଜିଲ୍ଲା ପକ୍ଷରୁ ଜୟପୁରଠାରେ ଆୟୋଜିତ ଜନ୍ମ ଶତାବ୍ଦୀ ଉପଲକ୍ଷେ ୧୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପ୍ରସ୍ତୁତି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦାନ କରି ଥିଲେ । ଏହି ଅବସରରେ ଆୟୋଜକ ମାନଙ୍କ ପକ୍ଷରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରା ଯାଇ ଥିଲା । ବୈଠକରେ ମହାଯଜ୍ଞର ସଫଳ ଆୟୋଜନ, ଧାର୍ମିକ ଓ ସାମାଜିକ ଗୁରୁତ୍ୱ ତଥା ବିଭିନ୍ନ ପ୍ରସ୍ତୁତିମୂଳକ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଧାୟକ ଏହି ମହତ୍ କାର୍ଯ୍ୟକ୍ରମର ସଫଳତା କାମନା କରିବା ସହ ଆୟୋଜକ ମାନଙ୍କୁ ନିଜର ଶୁଭେଚ୍ଛା ଜଣାଇଥିଲେ ।

# ଏଟିଏମ୍‌ରେ ଆବଶ୍ୟକ ମୁତାବକ ଟଙ୍କା ଯୋଗାଣ ପାଇଁ ବଲାଙ୍ଗୀର ନାଗରିକ କମିଟିର ପଦକ୍ଷେପ

ବଲାଙ୍ଗୀର : (ହି.ସ.) – ବଲାଙ୍ଗୀର ଷ୍ଟେଟ ବ୍ୟାଙ୍କ ପରିଚାଳିତ ଏଟିଏମ୍ ମାନଙ୍କରେ ଆବଶ୍ୟକ ମୁତାବକ ଟଙ୍କା ନଥିବାରୁ ଗ୍ରାହକମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ସମସ୍ୟା ଉଣା ଅଧିକେ ତିନି ମାସ ହେବ ଲାଗି ରହିଛି ଓ ଗତ ୧୦ ଦିନ ହେବ ସମସ୍ୟାଟି ଉତ୍କଟ ଅବସ୍ଥା ଧାରଣ କରିଛି । ସମସ୍ୟାର ସମାଧାନ ଦିଗରେ ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କମିଟି ସଦସ୍ୟ ଗୋପବନ୍ଧୁ ପୁରୋହିତ, କୋଷାଧ୍ୟକ୍ଷ ତ୍ରିନାଥ ସାହୁ, ସଦସ୍ୟ ରମେଶ ଚନ୍ଦ୍ର ନାଥ, ସଲିମ ଖାନ, ଲଳିତ କୁମାର ବହିଦାର ପ୍ରମୁଖ ନାଗରିକ କମିଟିର ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟାଳୟକୁ ଯାଇ କର୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ଚିଫ୍ ମେନେଜର ସୁରେନ୍ଦ୍ର ମିଶ୍ର ଦର୍ଶାଇଥିଲେ ଆର୍‌ବିଆଇ ଆବଶ୍ୟକ ମୁତାବକ ଟଙ୍କା ଯୋଗାଇ ଦେଉନାହାନ୍ତି । ପ୍ରତି ସପ୍ତାହରେ ରିକ୍ୟାରମେଂଟ ଦିଆଯାଉଛି ମାତ୍ର ଆର୍‌ବିଆଇ ମଧ ଟଙ୍କା ସଟେଜ ଥିବାରୁ ଯୋଗାଣ ହୋଇ ପାରୁନାହିଁ ବୋଲି ହତାଶବାଣୀ ଦେଉଛି । ଆଶା କରାଯାଏ ଏ ସମସ୍ୟାର ସମାଧାନ ୧୦ ଦିନ ମଧରେ ହୋଇପାରେ । ମାସକୁ ହାରାହାରି ୨୩୦ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ଆମ ପାଖରେ ୨୮ କୋଟି ଟଙ୍କା ରହିଛି । ଗ୍ରାହକମାନଙ୍କୁ ଡିପୋଜିଟ ଉପରେ ଏବେ ବଡ଼ ଭରସା ହୋଇଛି । ଆମେ ଆମର ସାଧ ଏବଂ କ୍ଷମତା ମତେ ପଦକ୍ଷେପ ଗ୍ରହଣ କରିଚାଲିଛୁଁ । ଆପଣମାନେ ବି ଚାହିଲେ ପଦକ୍ଷେପ ନେଇପାରନ୍ତି । ନାଗରିକ କମିଟି ବଲାଙ୍ଗୀର ସମସ୍ୟାର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରି ରିଜର୍ଭ ବ୍ୟାଙ୍କ ଇଣ୍ଡିଆକୁ ପତ୍ର ପ୍ରେରଣ କରିଛି ।

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ କନ୍ଧମାଳ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ଅନୁଷ୍ଠିତ

## ୮ ଜଣ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ

କନ୍ଧମାଳ : (ହି.ସ.) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କ ସୃଜନଶୀଳ ଓ ବୌଦ୍ଧିକ ପ୍ରତିଭାର ବିକାଶ ଉଦ୍ଦେଶ୍ୟରେ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ୨୦୨୬ ପାଳନ ଅବସରରେ କନ୍ଧମାଳରେ ପ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି ।ଏହି ଉତ୍ସବରେ ପ୍ରକଳ୍ପ ନିର୍ଦ୍ଦେଶକ, ସହରାଂଚଳ ଉନ୍ନୟନ ସଂସ୍ଥା, ଫୁଲବାଣୀ ଶ୍ରୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟ ଅତିଥି ଏବଂ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ଶ୍ରୀ ଯୁଧିଷ୍ଠିର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ସ୍ମାରକ ପ୍ରଦାନ କରିଥିଲେ । ନିଜ ବକ୍ତବ୍ୟରେ ଅତିଥିଦ୍ୱୟ କହିଥିଲେ ଯେ, ମାତୃଭାଷା ଓଡ଼ିଆର ସମୃଦ୍ଧ ପରମ୍ପରାକୁ ନୂତନ ପିଢ଼ିଙ୍କ ନିକଟରେ ପହଂଚାଇବା ଏବଂ ସେମାନଙ୍କ ମଧ୍ୟରେ ସାହିତ୍ୟ ଚର୍ଚ୍ଚା ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଏଭଳି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।ଏହି ଅବସରରେ ପ୍ରବନ୍ଧ, ବିତର୍କ, କବିତା ଆବୃତି ଓ ସାଧାରଣ ଜ୍ଞାନ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରବନ୍ଧ ପ୍ରତିଯୋଗିତାରେ ଡ଼. ବିରଂଚି ନାରାୟଣ ସାହୁ, ରମାକାନ୍ତ ମଙ୍ଗରାଜ ଓ ରବୀନ୍ଦ୍ର ମିଶ୍ର, ବିତର୍କ ପ୍ରତିଯୋଗିତାରେ ଯୁଧିଷ୍ଠିର ମହାନ୍ତି, ପୂର୍ଣ୍ଣେନ୍ଦୁ ତ୍ରିପାଠୀ ଓ ତ୍ରିଲୋକନାଥ ସେନାପତି, କବିତା ଆବୃତି ପ୍ରତିଯୋଗିତାରେ ସନ୍ତୋଷ କୁମାର ତ୍ରିପାଠୀ, ରାମକୃଷ୍ଣ ମହାନ୍ତି ଓ ନୃସିଂହନାଥ ମହାପାତ୍ର ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଅସିତ କୁମାର ନନ୍ଦ, ଅଶୋକ ମହାନ୍ତି ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଅତିନିଆଲ ନାଇକା ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବରିଷ୍ଠ ବର୍ଗର ମିତାଲି ରାଣୀ ସାହୁ (ପ୍ରବନ୍ଧ), ସାଇ ଶୁଭମ ମହାନ୍ତି (ବିତର୍କ), ରୟାଲ ତ୍ରିପାଠୀ (କବିତା ଆବୃତି) ଓ ସ୍ୱାଧୀନ ସାହୁ (ସାଧାରଣ ଜ୍ଞାନ) ଏବଂ କନିଷ୍ଠ ବର୍ଗର ସିମରନ୍ ଦିଗାଲ (ପ୍ରବନ୍ଧ), ସାଇସ୍ନେହା ସାହୁ (ବିତର୍କ), ଶ୍ରୀୟା ଲକ୍ଷ୍ମୀ ସାହୁ (କବିତା ଆବୃତି) ଓ ସ୍ମୃତି ସୌରଭ ପାଣିଗ୍ରାହୀ (ସାଧାରଣ ଜ୍ଞାନ) ଆସନ୍ତା ରାଜ୍ୟସ୍ତରୀୟ ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର – ୨୦୨୬ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲାର ପ୍ରତିନିଧିତ୍ୱ କରିବେ । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବାବେଳେ ଶେଷରେ ସମସ୍ତ ଅତିଥି, ବିଚାରକ, ପ୍ରତିଯୋଗୀ, ଶିକ୍ଷକ, ଅଭିଭାବକ ଓ ଉପସ୍ଥିତ ସାହିତ୍ୟପ୍ରେମୀ ମାନଙ୍କୁ ଧନ୍ୟବାଦ ଜଣାଇ ସଭାସାଙ୍ଗ କରିଥିଲେ ।ଏହି ଅବସରରେ ବହୁ ସାହିତ୍ୟିକ, ଶିକ୍ଷାବିତ୍, ଶିକ୍ଷକ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ବିଦ୍ୟାର୍ଥୀ ପରିଷଦର ୭୮ତମ ସ୍ଥାପନା ଦିବସ ପାଳିତ

ବଲାଙ୍ଗିର : (ହି.ସ.) ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୮ତମ ସ୍ଥାପନା ଦିବସ ତଥା ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଅବସରରେ ବଲାଙ୍ଗିର ପେଲେସ ଲାଇନ୍ ସ୍ଥିତ କାର୍ଯ୍ୟାଳୟଠାରେ ଏବିଭିପି ର ପତକା ଉତୋଳନ କରାଯାଇଥିଲା । ଜ୍ଞାନ ଚରିତ୍ର ଏକତା ର ମୂଳମନ୍ତ୍ର ସହ ବ୍ୟକ୍ତି ନିର୍ମାଣ ରୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ କରିଆସୁଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆଜି ୭୮ତମ ବର୍ଷ ରେ ପଦାର୍ପଣ କରିଛି । ସମାଜ ର ପରିବର୍ତନ ର ବାହକ ହେଉଛନ୍ତି ଛାତ୍ର ଶକ୍ତି, ଏବଂ ଛାତ୍ର ଶକ୍ତି ହିଁ ରାଷ୍ଟ୍ର ଶକ୍ତି ଏହା ବିଦ୍ୟାର୍ଥୀ ପ୍ରଥମ ଦିନଠାରୁ କରିଆସୁଅଛି , ୧୯୪୯ ମସିହାରେ ୭ ଜଣକୁ ନେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ରୁ ଆରମ୍ଭ ହୋଇଥିବା ଏହି ଛାତ୍ର ସଂଗଠନ ଆଜି ବିଶ୍ୱ ର ସର୍ବବୃହତ ଛାତ୍ର ସଂଗଠନ ହେବା ସହ ସମାଜର ସବୁ କ୍ଷେତ୍ରରେ ନେତୃତ୍ୱ ଦେଇଆସୁଛି । ଆଜିର ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ସହ ସମ୍ପାଦକ ଆକାଶ କମ୍ପ, ବିଭାଗ ପ୍ରମୁଖ ପ୍ରଶାନ୍ତ ବେହେରା, ପୂର୍ବତନ ବିଭାଗ ପ୍ରମୁଖ ରବିନ୍ଦ୍ର କୁମାର ମେହେର, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ମଞ୍ଜିତ କୁମାର କର୍ମି, ଜିଲ୍ଲା ସଂଯୋଜକ ଆଲୋକ ଗୁରାଣ୍ଡି, ସଂଗଠନ ସମ୍ପାଦକ ବିକାଶ ସାହୁ, ବିଭାଗ ରାଷ୍ଟ୍ରୀୟ କଲାମଂଚ ପ୍ରମୁଖ ଅନିଶା କୁମ୍ଭାର,ନଗର ସହ ସମ୍ପାଦକ ଅଙ୍କିତା ସତପଥି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ର ଛାତ୍ର ନେତୃତ୍ୱ ଆୟୁଷ ଖେତି, ଝରଣା ବାଗ, କଲ୍ୟାଣୀ ସବର , ସସ୍ମିତା ରାୟ , କୃଷ୍ଣ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବାୟୁ ସେନାରେ ସାମିଲ ହେବେ ମାଲକାନଗିରିର ଯୁବପିଢ଼ି: ଅଗ୍ନିବୀର ପଞ୍ଜୀକରଣ ପାଇଁ ଜିଲ୍ଲା ପ୍ରଶାସନର ମେଗା ସଚେତନତା ଅଭିଯାନ

ମାଲକାନଗିରି : (ହି.ସ.)- ଭାରତୀୟ ବାୟୁ ସେନାରେ ଦେଶର ଯୁବଶକ୍ତିଙ୍କ ସହଭାଗିତାକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି । ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଚାଲିଥିବା ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାକୁ ଜିଲ୍ଲାର ଗ୍ରାମାଚଂଳ ଓ ସହରାଚଂଳର ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ଭର୍ଚୁଆଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଗୁପ୍ତ ମାଢ଼ି ପରିଚାଳନା କରିବା ସହ ଜିଲ୍ଲାର ସମସ୍ତ ଡିଗ୍ରୀ କଲେଜ, ଆଇଟିଆଇ ଏବଂ ପଲିଟେକ୍ନିକ ଅନୁଷ୍ଠାନର ଅଧକ୍ଷ ଓ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ଅନଲାଇନ ଆବେଦନ ଶୈଳୀ, ଆବଶ୍ୟକୀୟ ଯୋଗ୍ୟତା ମାନଦଣ୍ଡ, ପ୍ରମୁଖ ଦଲିଲପତ୍ର ଏବଂ ଆଗାମୀ ନିଯୁକ୍ତି ରାଲି ସମ୍ବନ୍ଧୀୟ ସମସ୍ତ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ଶିକ୍ଷାନୁଷ୍ଠାନର ମୁଖ୍ୟ ମାନଙ୍କୁ ସମ୍ବୋଧିତ କରି ମାଲକାନଗିରି ଜିଲ୍ଲାପାଳ ଶ୍ରୀ ରାଜସିର୍କେ ଜିଲ୍ଲାର ଯୋଗ୍ୟ +୨ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ସର୍ବାଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଜିଲ୍ଲାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଯେପରି ଏହି ସୁଯୋଗରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସର୍ବାଧିକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେବା ସହ ପ୍ରତି ଶିକ୍ଷାନୁଷ୍ଠାନର ଅଧକ୍ଷ ଏବଂ କର୍ତୃପକ୍ଷ ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ପ୍ରେରିତ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଦେଶସେବା କରିବା ଏବଂ ଭାରତୀୟ ବାୟୁ ସେନାର ଅଂଶ ହେବା ପ୍ରତ୍ୟେକ ଯୁବକଙ୍କ ପାଇଁ ଏକ ଗୌରବର ବିଷୟ । ମାଲକାନଗିରି ଜିଲ୍ଲାର ଯୁବପିଢ଼ିଙ୍କ ମଧ୍ୟରେ ଅଦମ୍ୟ ପ୍ରତିଭା ଓ ସାହସ ରହିଛି । ଜିଲ୍ଲାର କୌଣସି ବି ଯୋଗ୍ୟ ପ୍ରାର୍ଥୀ ଯେପରି ସଠିକ୍ ସୂଚନା ବା ମାର୍ଗଦର୍ଶନ ଅଭାବରୁ ଏହି ସୁବର୍ଣ୍ଣ ସୁଯୋଗରୁ ବଂଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ନିଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ସକ୍ରିୟ ଭାବେ ପ୍ରେରିତ କରନ୍ତୁ ଏବଂ ସେମାନଙ୍କର ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ କରନ୍ତୁ ବୋଲି ଜିଲ୍ଲାପାଳ ଆହ୍ୱାନ କରିଛନ୍ତି । ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ କମାଣ୍ଡିଂ ଅଫିସର ସଞ୍ଜୟ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ପଞ୍ଜୀକରଣ ପ୍ରକ୍ରିୟା ବିଷୟରେ ବ୍ୟାଖ୍ୟା କରିବା ସହ ଆଗ୍ରହୀ ଛାତ୍ରଛାତ୍ରୀଙ୍କୁ ଉଚିତ ସହଯୋଗ ଯୋଗାଇବା ପାଇଁ ସମସ୍ତ ଅନୁଷ୍ଠାନ ଗୁଡ଼ିକୁ ଅନୁରୋଧ କରିଥିଲେ । ସୂଚନାଯୋଗ୍ୟ ଯେ, ଅଗ୍ନିବୀର ବାୟୁ ନିଯୁକ୍ତି ପାଇଁ ଅନଲାଇନ ପଞ୍ଜୀକରଣର ଅବଧି ୦୬ ଜୁଲାଇ ୨୦୨୬ ରୁ ୨୬ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ମାଲକାନଗିରି ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି କାର୍ଯ୍ୟାଳୟ ଏହି ପଞ୍ଜୀକରଣର ଦୈନନ୍ଦିନ ପ୍ରଗତି ଉପରେ ତୀକ୍ଷ୍ଣ ନଜର ରଖିବ ଏବଂ ସମସ୍ତ ଆବେଦନକାରୀଙ୍କୁ ଆବଶ୍ୟକୀୟ ବୈଷୟିକ ସହାୟତା ଯୋଗାଇ ଦେବ । ଜିଲ୍ଲା ପ୍ରଶାସନର ଏହି ପ୍ରଶଂସନୀୟ ପଦକ୍ଷେପ ଯୋଗୁଁ ଚଳିତ ବର୍ଷ ଅଗ୍ନିବୀର ବାୟୁ ନିଯୁକ୍ତି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାରୁ ରେକର୍ଡ ସଂଖ୍ୟକ ଯୋଗ୍ୟ +୨ ଉତୀର୍ଣ୍ଣ ଛାତ୍ରଛାତ୍ରୀ ଆବେଦନ କରିବେ ବୋଲି ଆଶା ପ୍ରକଟ କରାଯାଇଛି ।

# ବୋନସ୍ ମିଳୁନଥିବା ଅଭିଯୋଗ କଲେ କେନ୍ଦୁପତ୍ର ବନ୍ଧାଳୀ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ କେନ୍ଦୁପତ୍ର ରେଞ୍ଜ ଅଧୀନରେ ଥିବା ବିଭିନ୍ନ ଫଡ଼ିରେ ବର୍ତମାନ କେନ୍ଦୁପତ୍ର ବନ୍ଧା କାର୍ଯ୍ୟ ଜୋରସୋରରେ ଚାଲିଛି । ଏହି ରେଞ୍ଜରେ ୫୩ ଟି ଫଡ଼ି ଥିବା ବେଳେ ସାତଟି ବନ୍ଧାଳୀ ପାର୍ଟିର ୧୦୫ ଜଣ ଶ୍ରମିକ କାମରେ ନିୟୋଜିତ ଅଛନ୍ତି । ଦୂରଦୂରାନ୍ତରୁ ଆସିଥିବା ଶତାଧିକ ବନ୍ଧାଳୀ ନିଜ ପରିବାର ସହ ଫଡ଼ିରେ ରହି କେନ୍ଦୁପତ୍ର ବଛାବଛି ଓ ବନ୍ଧା କାମରେ ନିୟୋଜିତ ଅଛନ୍ତି । ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ କଠିନ ପରିଶ୍ରମ କରି ସେମାନେ କେନ୍ଦୁପତ୍ରକୁ ନିୟମ ଅନୁଯାୟୀ କେରିରେ ବାନ୍ଧୁଛନ୍ତି । ସରକାରୀ ନିୟମ ଅନୁସାରେ ପ୍ରତି କେରି ପିଛା ୯୫ ଟଙ୍କା ମଜୁରି ସହ ୫ ଟଙ୍କା ବୋନସ ମିଳିବାର ବ୍ୟବସ୍ଥା ରହିଛି । କିନ୍ତୁ ବନ୍ଧାଳୀ ମାନଙ୍କ ଅଭିଯୋଗ ହେଉଛି, ସେମାନଙ୍କୁ କେବଳ ୯୫ ଟଙ୍କା ଦିଆଯାଉଛି, ଯେଉଁଠାରେ ୫ ଟଙ୍କା ବୋନସ୍ ପ୍ରଦାନ କରାଯାଉନାହିଁ । ଏହାକୁ ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ସେମାନଙ୍କ କହିବା କଥା, ଅତ୍ୟନ୍ତ କଷ୍ଟକର ପରିଶ୍ରମ କରିବା ପରେ ମଧ ସରକାରଙ୍କ ନିର୍ଦ୍ଧାରିତ ପ୍ରାପ୍ୟ ସେମାନେ ପାଉନାହାନ୍ତି । ଅନ୍ୟପକ୍ଷରେ, ଫଡ଼ିରେ କାମ କରୁଥିବା ବନ୍ଧାଳୀ ଓ ସେମାନଙ୍କ ପରିବାରର ଜୀବନଯାପନ ମଧ ବେଶ୍ କଷ୍ଟଦାୟକ । ସେମାନେ ଫଡ଼ି ବାରଣ୍ଡାରେ ପଲିଥିନ ତଳେ ରାତି ବିତାଉଛନ୍ତି । ଅନେକ ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ଦୂରରୁ ପାଣି ଆଣିବାକୁ ପଡୁଛି । ରାତିରେ ବିଦ୍ୟୁତ୍ ଆଲୋକ ନଥିବାରୁ ଅନ୍ଧାର ମଧରେ ରହିବାକୁ ପଡୁଛି । ଶୌଚାଳୟ, ସ୍ନାନଘର ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ମଧ ସେମାନଙ୍କ ଦୈନନ୍ଦିନ ଜୀବନକୁ ଅଧିକ କଷ୍ଟକର କରିଦେଇଛି । ବନ୍ଧାଳୀ ମାନଙ୍କ ଅଭିଯୋଗ, ପ୍ରତିବର୍ଷ ଏଭଳି ପରିସ୍ଥିତିରେ କାମ କରିବାକୁ ପଡୁଥିଲେ ମଧ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ । ଏପରି ସ୍ଥିତିରେ ପ୍ରାପ୍ୟ ବୋନସ ତୁରନ୍ତ ପ୍ରଦାନ କରିବା ସହ ଫଡ଼ିଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଶୌଚାଳୟ ଓ ରହିବା ପାଇଁ ଉନ୍ନତ ବ୍ୟବସ୍ଥା କରିବାକୁ ସେମାନେ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏନେଇ ଖଡ଼ିଆଳ କେନ୍ଦୁପତ୍ର ଡିଏଫଓ ଏ ମାଧବୀ ଲତାଙ୍କୁ ପଚାରିବାରୁ ଧିରେ ଧିରେ ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ । ଏବେ ଦେଖିବାକୁ ବାକି ରହିଲା, ଶ୍ରମିକମାନଙ୍କ ଏହି ଦାବି ପ୍ରତି ସମ୍ପୃକ୍ତ ବିଭାଗ କେତେ ଶୀଘ୍ର ପଦକ୍ଷେପ ନେଉଛି ।



# ନ୍ୟୁଜିଲ୍ୟାଣ୍ଡରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନ୍ୟୁଜିଲାଣ୍ଡ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅକ୍ଲାଣ୍ଡଠାରେ ଆୟୋଜିତ "କିଆ ଓରା ମୋଦୀ" କାର୍ଯ୍ୟକ୍ରମରେ ନ୍ୟୁଜିଲ୍ୟାଣ୍ଡରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଛନ୍ତି । ଏହି ସମାରୋହରେ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଶ୍ରୀ କ୍ରିଷ୍ଟୋଫର ଲକ୍ସନ ମଧ୍ୟ ସାମିଲ ହୋଇଥିଲେ । ପ୍ରାୟ ୧୦,୦୦୦ରୁ ଅଧିକ ପ୍ରବାସୀ ଭାରତୀୟଙ୍କ ଉପସ୍ଥିତି ଯୋଗୁଁ ଏହି ସମାବେଶ ଆନ୍ତରିକତା, ଶକ୍ତି ଏବଂ ବେଶ୍ ଉତ୍ସାହରେ ପରିପୂର୍ଣ୍ଣ ଥିଲା ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜର ଅଭିଭାଷଣ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଲକ୍ସନଙ୍କୁ ତାଙ୍କର ଗାରିମାମୟ ଉପସ୍ଥିତି ଏବଂ କିୱି-ଭାରତୀୟ ସମୁଦାୟର କଲ୍ୟାଣ ସମେତ ଦ୍ୱିପାକ୍ଷିକ ସହଭାଗିତା ପାଇଁ ତାଙ୍କର ସମର୍ଥନ ନିମନ୍ତେ ଧନ୍ୟବାଦ ଜଣାଇଥିଲେ । ଏହି ସମୁଦାୟ ପକ୍ଷରୁ ତାଙ୍କୁ ଦିଆଯାଇଥିବା ବିଶେଷ ସ୍ୱାଗତକୁ ସେ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ କିୱି ଭାରତୀୟ ସମୁଦାୟ ଏକ ଗତିଶୀଳ ଶକ୍ତି ଭାବରେ ଉଭା ହୋଇଛି, ଯାହା ନ୍ୟୁଜିଲ୍ୟାଣ୍ଡର ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି ।

ନ୍ୟୁଜିଲ୍ୟାଣ୍ଡର ବହୁସାଂସ୍କୃତିକ ସମାଜକୁ ସମୃଦ୍ଧ କରିବା ସହିତ ନିଜର ସଂସ୍କୃତି, ପର୍ବପର୍ବାଣୀ ଏବଂ ପରମ୍ପରାକୁ ବଜାୟ ରଖିଥିବାରୁ ପ୍ରଧାନମନ୍ତ୍ରୀ ଏହି ସମୁଦାୟକୁ ପ୍ରଶଂସା କରିଥିଲେ । ସେ ବିଶେଷ କରି ସମୁଦାୟର 'ସେବା' (ସ୍ୱାର୍ଥହୀନ ସେବା) ମନୋଭାବକୁ ପ୍ରଶଂସା କରି ସେମାନଙ୍କର ସ୍ୱେଚ୍ଛାସେବୀ ମନୋଭାବ, ଦାନଶୀଳତା ଏବଂ ଗୋଷ୍ଠୀ କଲ୍ୟାଣର ଅନନ୍ୟ ରେକର୍ଡ ବିଷୟରେ ଉଲ୍ଲେଖ କରିଥିଲେ ।

ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ, ଏହି ସମାବେଶ ହୁଏତ ଭାରତୀୟ ପ୍ରବାସୀମାନଙ୍କର ହୋଇଥାଇପାରେ, କିନ୍ତୁ ପ୍ରକୃତରେ ଏହା ଥିଲା ଭାରତ-ନ୍ୟୁଜିଲ୍ୟାଣ୍ଡ ବନ୍ଧୁତା, କ୍ରୀଡ଼ା ସମ୍ପର୍କ ଏବଂ ସେମାନଙ୍କର ଆର୍ଥିକ ସହଭାଗିତାର ଏକ ମହୋତ୍ସବ । ୨୦୨୬ ମସିହା କ୍ରୀଡ଼ା ସହଯୋଗର ୧୦୦ ବର୍ଷ ପୂର୍ତ୍ତିକୁ ସୂଚାଉଥିବା ଉଲ୍ଲେଖ କରି ସେ କହିଥିଲେ ଯେ, ଉଭୟ ଦେଶ ନିଜର କ୍ରୀଡ଼ା ସମ୍ପର୍କକୁ ଆହୁରି ଗଭୀର କରିବା ପାଇଁ ଆଗ୍ରହୀ ଅଛନ୍ତି । ସ୍ଥାନୀୟ ମାଓରି ସଂସ୍କୃତିର ସମାବେଶୀ ଏବଂ ସ୍ଥାୟୀ ଆଭିମୁଖ୍ୟକୁ ପ୍ରଶଂସା କରି ସେ କହିଥିଲେ ଯେ, ଭାରତ ମଧ୍ୟ ଏକ ବିକାଶ ପଥରେ ଆଗକୁ ବଢ଼ୁଛି ଯାହା ଐତିହ୍ୟ ସହିତ ପ୍ରଗତିକୁ ଯୋଡ଼ିଥାଏ ।

ପ୍ରଧାନମନ୍ତ୍ରୀ ଭାରତୀୟ ସମୁଦାୟକୁ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ବନ୍ଧୁତା, ବିଶ୍ୱାସ ଏବଂ ସହଯୋଗର ଏକ ସେତୁ ଭାବରେ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ କରିଛନ୍ତି, ଯାହାଫଳରେ ଉଭୟ ଦେଶର ମଙ୍ଗଳ ପାଇଁ ଏହି ରଣନୀତିକ ସହଭାଗିତାର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ବାସ୍ତବ ରୂପ ଦିଆଯାଇପାରିବ ।

# ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ପୁରୀ ଜିଲ୍ଲାର ବିଭିନ୍ନ ହୋଟେଲରେ ପୋଲିସର ବ୍ୟାପକ ରାତ୍ରିକାଳୀନ ଯାଂଚ୍

ପୁରୀ, (ହି.ସ.)- ପବିତ୍ର ରଥଯାତ୍ରା ୨୦୨୬ ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ଦେଶ-ବିଦେଶରୁ ଆସୁଥିବା ଅତିଥିମାନଙ୍କର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ସମଗ୍ର ଜିଲ୍ଲାର ବିଭିନ୍ନ ହୋଟେଲ, ଲଜ୍, ଗେଷ୍ଟହାଉସ ଏବଂ ରହଣି ବ୍ୟବସ୍ଥା ଥିବା ପ୍ରତିଷ୍ଠାନଗୁଡ଼ିକରେ ବ୍ୟାପକ ରାତ୍ରିକାଳୀନ ଯାଂଚ୍ ଅଭିଯାନ କରାଯାଇଛି । ଏହି ଅଭିଯାନରେ ପୁରୀ ପୋଲିସର ଥାନା ଅଧିକାରୀମାନଙ୍କ ନେତୃତ୍ୱରେ ବିଭିନ୍ନ ଥାନାର ପୋଲିସ ଅଧିକାରୀ, ସ୍ୱତନ୍ତ୍ର ଟିମ୍ ଏବଂ ସୁରକ୍ଷା ବାହିନୀ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ରାତ୍ରି ସମୟରେ ହଠାତ୍ ଯାଂଚ୍ ମାଧ୍ୟମରେ ହୋଟେଲଗୁଡ଼ିକରେ ରହୁଥିବା ଅତିଥିମାନଙ୍କର ସୁରକ୍ଷା, ରେଜିଷ୍ଟର ଏବଂ ଡିଜିଟାଲ ରେକର୍ଡର ସଠିକ୍ ସଂରକ୍ଷଣ, ପରିଚୟପତ୍ର ଯାଂଚ୍, ସନ୍ଦେହଜନକ ବ୍ୟକ୍ତିଙ୍କ ଉପରେ ନଜରଦାରି ଏବଂ ସାମଗ୍ରିକ ଆଇନ-ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରାଯାଇଥିଲା । ଯାଂଚ୍ ସମୟରେ ହୋଟେଲ କର୍ତ୍ତୃପକ୍ଷଙ୍କୁ ସମସ୍ତ ଅତିଥିଙ୍କର ଠିକ୍ ପରିଚୟପତ୍ର ସଂଗ୍ରହ କରିବା, ଚେକ୍-ଇନ୍ ଏବଂ ଚେକ୍-ଆଉଟ୍ ସମ୍ବନ୍ଧୀୟ ରେକର୍ଡକୁ ସଠିକ୍ ଭାବେ ସଂରକ୍ଷଣ କରିବା, ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ୱାଭାବିକ କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ନିକଟସ୍ଥ ଥାନାକୁ ଅବଗତ କରିବା, ଅଗ୍ନି ନିରାପତା ବ୍ୟବସ୍ଥାକୁ ସକ୍ରିୟ ରଖିବା ଏବଂ ସିସିଟିଭି କ୍ୟାମେରା ସବୁବେଳେ କାର୍ଯ୍ୟକ୍ଷମ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହା ସହିତ ହୋଟେଲ ପରିଚାଳକମାନଙ୍କୁ ବିନା ପରିଚୟପତ୍ରରେ କୌଣସି ବ୍ୟକ୍ତିଙ୍କୁ ରହିବାକୁ ଅନୁମତି ନ ଦେବା, ବିଦେଶୀ ନାଗରିକଙ୍କ ସମ୍ବନ୍ଧୀୟ ପ୍ରଚଳିତ ନିୟମାବଳୀକୁ କଡାକଡି ପାଳନ କରିବା ଏବଂ ପୋଲିସ ସହିତ ସର୍ବଦା ସମନ୍ୱୟ ରକ୍ଷା କରିବାକୁ ଅନୁରୋଧ କରାଯାଇଛି । ପୁରୀ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ରଥଯାତ୍ରା ଅବସରରେ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ଅତିଥିଙ୍କୁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ଭୟ ପରିବେଶ ପ୍ରଦାନ କରିବା ପାଇଁ ପୁରୀ ପୋଲିସ ୨୪x୭ ସଜାଗ ଏବଂ ସକ୍ରିୟ ରହିଛି । ସହରର ପ୍ରମୁଖ ସ୍ଥାନ, ଧାର୍ମିକ ସ୍ଥଳ, ପାର୍କିଂ ସ୍ଥାନ, ହୋଟେଲ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ସମୁଦ୍ରକୂଳ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ଅଂଚଳରେ ପୋଲିସ ପାଟ୍ରୋଲିଂ ଓ ନଜରଦାରିକୁ ଆହୁରି ସୁଦୃଢ଼ କରାଯାଇଛି ।

ପୁରୀ ପୋଲିସ ସମସ୍ତ ହୋଟେଲ ମାଲିକ, ପରିଚାଳକ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ପ୍ରତିଷ୍ଠାନମାନଙ୍କୁ ଆଇନଗତ ନିୟମ ପାଳନ କରିବା ସହ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରୁଛି । ସେହିପରି ସମସ୍ତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ମଧ୍ୟ ନିଜର ପରିଚୟପତ୍ର ସାଙ୍ଗରେ ରଖିବା, ସତର୍କ ରହିବା ଏବଂ କୌଣସି ସନ୍ଦେହଜନକ ଘଟଣା କିମ୍ବା ବ୍ୟକ୍ତିଙ୍କ ସମ୍ପର୍କରେ ତୁରନ୍ତ ପୋଲିସକୁ ସୂଚନା ଦେବା ପାଇଁ ଅନୁରୋଧ କରାଯାଉଛି । ପବିତ୍ର ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସଫଳ କରିବା ପାଇଁ ପୁରୀ ପୋଲିସ ସମସ୍ତ ସହଯୋଗୀ ସଂସ୍ଥା, ହୋଟେଲ କର୍ତ୍ତୃପକ୍ଷ, ସ୍ଥାନୀୟ ନାଗରିକ ଓ ଶ୍ରଦ୍ଧାଳୁମାନଙ୍କର ସହଯୋଗ କାମନା କରୁଛି ।

# ମାନ୍ୟବର ଝାରସୁଗୁଡା ବିଧାୟକଙ୍କର ଅନାଚକ ହକି ଷ୍ଟାଡ଼ିୟମ ପରିଦର୍ଶନ

ଝାରସୁଗୁଡ଼ା(ନି.ପ୍ର.)- ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଅନାଚକ ଏଚ୍-କଟାପାଲି ସ୍ଥିତ ନୂତନ ଭାବରେ ନିର୍ମାଣ ହେଉ ଥିବା ହକି ଷ୍ଟାଡିୟମ ର ଟର୍ଫ ପଡିଆକୁ ଆଜି ଅପରାହ୍ନ ୪-୩୦ ମିନିଟ୍ ସମୟରେ ପରିଦର୍ଶନରେ ଆସି ଟର୍ଫ କାର୍ଯ୍ୟକୁ ଦେଖିବା ସହିତ ହକି ଷ୍ଟାଡ଼ିୟମର ଅଫିସ ଗୃହ ପରିଦର୍ଶନ କରି ଥିଲେ । ସେଠାରେ ୫ଏ ସାଇଡ ମ୍ୟାଚ ପାଇଁ ଆଉ ଏକ ଟର୍ଫ ପଡିଆ ନିର୍ମାଣ କରିବା ପାଇଁ ପ୍ରତିଶୃତି ଦେଇ ଥିଲେ । ଝାରସୁଗୁଡ଼ା ଜିଲ୍ଲାରୁ ଚଳିତ ବର୍ଷ ଆନ୍ତଃ ରାଜ୍ୟ ସ୍କୁଲ ପ୍ରତିଯୋଗିତାରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୧୪ ବର୍ଷ ବୟସ ବର୍ଗରେ ହଂ-କଟାପାଲି ସ୍କୁଲର ଛାତ୍ର ସାହିଦ୍ ନାଏକ ଓ



ସେହି ସ୍କୁଲର ଛାତ୍ର ୧୬ ବର୍ଷ ବୟସ ବର୍ଗରେ ବିବେକ ନାଏକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉପସ୍ଥିତ ଥିବା ଅରଡା ବ୍ରିକ୍ରେଟ ସ୍କୁଲର ହକି ଖେଳାଳି ମାନଙ୍କ ସହିତ ପରିଚିତ ହୋଇ ଥିଲେ । ଆଗାମୀ ଦିନରେ ଉନ୍ନତ ମାନର ଖେଳ ଖେଳିବା ପାଇଁ ଉପଦେଶ ଦେଇ ଥିଲେ । ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି, ଜିଲ୍ଲା ହକି ଆସୋସିଏସନର ସଭ୍ୟ ପ୍ରଜ୍ୱଳ ପଟେଲ,କ୍ଲେମେ□ ରୋନାଲ୍ଡ,, ଅଶ୍ୱନୀ ପାଣ୍ଡେ ଓ ବି.ଜେପି ଦଳର କର୍ମକର୍ତା ମାନେ ଉପସ୍ତିତ ଥିଲେ ।

# ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଗର୍ଜନ

ନୟାଗଡ (ନି.ପ୍ର.)-ସାର ଏବଂ କୀଟନାଶକର ବ୍ୟାପକ କଳାବଜାରି ବନ୍ଦ କରିବା ସହ କୃଷି ଋଣ ପ୍ରଦାନରେ ସ୍ୱଚ୍ଛତା ଆଣିବା ଆଦି ବିଭିନ୍ନ ଦାବି ନେଇ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କୃଷକ ସଭା ପକ୍ଷରୁ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଶତାଧିକ ଚାଷୀ ଏକତ୍ରିତ ହୋଇ ପ୍ରଶାସନର କୃଷକ ମାରଣ ନୀତି ବିରୋଧରେ ନିଜର ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ?ଶୁକ୍ରବାର ଦିନ ବିକ୍ଷୋଭକାରୀମାନେ ପ୍ରଥମେ ପୁରୁଣା ବ୍ଲକ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲେ । ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ବର୍ତମାନ ଚାଷ ସମୟରେ ସାର ଓ ବିହନର ଘୋର ଅଭାବ ଦେଖାଦେଇଛି । ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ସରକାରୀ ଦରଠାରୁ ୩୦୦ ରୁ ୪୦୦ ଟଙ୍କା ଅଧିକ ଦାମରେ ସାର ବିକ୍ରି କରୁଛନ୍ତି । ଅନ୍ୟପକ୍ଷରେ, ବ୍ୟାଙ୍କ ଓ ସୋସାଇଟି ଗୁଡ଼ିକ ଚାଷୀଙ୍କୁ କୃଷି ଋଣ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସେମାନେ ବାଧ୍ୟ ହୋଇ ସ୍ଥାନୀୟ



ସାହୁକାରଙ୍କଠାରୁ ଚଢ଼ା ସୁଧରେ ଋଣ ଆଣି ଶୋଷଣର ଶିକାର ହେଉଛନ୍ତି ।? ?ସାର ଓ କୀଟନାଶକର ତୁରନ୍ତ ସୁଲଭ ଯୋଗାଣ ଏବଂ କଳାବଜାରି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ , ସହଜରେ ଏବଂ ବିନା ସୁଧରେ କୃଷି ଋଣ ପ୍ରଦାନ ବ୍ୟବସ୍ଥା, ଭୂମିହୀନ ପରିବାରକୁ ୪ ଡେସିମିଲ୍ ବାସଘର ଜମି ଯୋଗାଣ, ?କୃଷକମାନଙ୍କୁ ମାସିକ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେୟ ଛାଡ଼ ଏବଂ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତାକୁ ମାସିକ ୩୦୦୦ ଟଙ୍କାକୁ ବୃଦ୍ଧି ଆଦି ?ଏହି ସମସ୍ତ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୟାଗଡ଼ ଜିଲ୍ଲାପାଳ ମଧୁସ୍ମିତା ରଥଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ପ୍ରତିବାଦ ସଭା ଗଦାଧର ପ୍ରଧାନଙ୍କ ସଭାପତିତ୍ୱରେ କୃଷକ ସଭାର ରାଜ୍ୟ ସମ୍ପାଦକ ଜମେଶ୍ୱର ସାମନ୍ତରାୟ, ଆଦିବାସୀ ବିକାଶ ମଂଚର ରାଜ୍ୟ ସହ ସମ୍ପାଦକ ଚାମ୍ପୁର ସୋରେନ, ଜିଲ୍ଲା ସମ୍ପାଦକ ପବିତ୍ର ଇନ୍ଦ୍ରଜିତ,ଓଡଗାଁ ବ୍ଲକ ସମ୍ପାଦକ ନିରଞ୍ଜନ ସାହୁ, ଜିଲ୍ଲା କମିଟି ସଦସ୍ୟ ଗଣେଶ୍ୱର ନାୟକ ,ରଜତ ଜେନା, ବୈକୁଣ୍ଠ ଖୁଂଟିଆ, କ୍ଷେତ ମଜୁଦୁର ୟୁନିୟନ ରାଜ୍ୟ ସମ୍ପାଦକ ନିତ୍ୟାନନ୍ଦ ପରିଡା, ନୟାଗଡ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ରହି ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସ୍ୱର ଉତୋଳନ କରିଥିଲେ । ଦାବିପତ୍ର ଗ୍ରହଣ କରିବା ପରେ ପ୍ରଶାସନ ପକ୍ଷରୁ ସମସ୍ୟାର ତୁରନ୍ତ ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

# ଧାମନଗର ମେଡିକାଲରେ ଚିକିତ୍ସାରେ ଅବହେଳା ଅଭିଯୋଗ: କଟକରେ ଆଶାକର୍ମୀଙ୍କ ମୃତ୍ୟୁ, ମୃତଦେହ ରଖି ଆଶାକର୍ମୀଙ୍କ ଧାରଣ ଓ ପ୍ରତିବାଦ




ଧାମନଗର(ନି.ପ୍ର.): ଧାମନଗର ମେଡିକାଲ ରେ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ଆଶାକର୍ମୀ ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ଆଶାକର୍ମୀ ଜଣକ ହେଲେ ଧାମନଗର ଏନଏସି ୫ ନମ୍ବର ୱାର୍ଡର ଲୀଳାବତୀ ଦତ (୫୨) ସ୍ୱାମୀ ଅନନ୍ତ । ଏହି ଘଟଣାକୁ କେନ୍ଦ୍ର କରି ଆଜି ଅଂଚଳରେ ତୀବ୍ର ଉତେଜନା ପ୍ରକାଶ ପାଇଛି ।ମିଳିଥିବା ସୂଚନା ଅନୁଯାୟୀ, ଲୀଳାବତୀ କୁ ଶୁକ୍ରବାର ରାତି ୧୧ ଟାରେ ଶୋଇବା ଅବସ୍ଥା ରେ ଏକ ସାପ କାମୁଡ଼ି ଥିଲେ ,ସେ ସଙ୍ଗେ ସଙ୍ଗେ ଧାମନଗର ଡାକ୍ତର ଖାନା କୁ ଆସିଥିଲେ ,ସେଠାରେ ଡାକ୍ତର ମଧୁସ୍ମିତା ସାହୁ କିଛି ହେବ ନାହିଁ ବୋଲି କହି ଗେସ ଇଞ୍ଜେକସନ ଦେଇ ପଠାଇ ଦେଲେ ,ପୁଣି ରାତି ୨ ଟାରେ ଅଧିକ କଷ୍ଟ ଅନୁଭବ କରିବାରୁ ଡାକ୍ତରଖାନା ଆସି ଥିଲେ ସେଠାରେ ଡାକ୍ତର ଶ୍ରୀମତୀ ସାହୁ ବିରକ୍ତ ହୋଇ ଥିଲେ କିଛିହୋଇନାହିଁ ବୋଲି କହିଥିଲେ ବାଧ ହୋଇ ଭୋର୍ ସମୟରେ ଲୀଳାବତୀ କଟକ ଡାକ୍ତରଖାନା ଯାଇଥିଲେ ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଜଣେ ନିଷ୍ଠାପର ସେବା କରୁଥିବା ଆଶାକର୍ମୀଙ୍କର ଏଭଳି ଅକାଳ ବିୟୋଗ କୁ ସହ୍ୟ କରିପାରିନାହାଁନ୍ତି ଅନ୍ୟ ଆଶାକର୍ମୀମାନେ । ଡାକ୍ତରଙ୍କ ଅବହେଳା ଏବଂ ଠିକ୍ ସମୟରେ ଚିକିତ୍ସା ମିଳିନଥିବା ଦର୍ଶାଇ ମୃତଦେହକୁ ନେଇ ଆଶାକର୍ମୀମାନେ ଧାମନଗର ଡାକ୍ତରଖାନା ସମ୍ମୁଖରେ ସବରଖି ପ୍ରତିବାଦ କରିଛନ୍ତି । ଉପଯୁକ୍ତ ତଦନ୍ତ ଓ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଆଶାକର୍ମୀମାନେ ଏହି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।ମୃତ ଆଶକର୍ମୀ ଙ୍କ ମୃତୁ ରେ ଖେତି ପୂରଣ ,ତାଙ୍କ ପରିବାର ର ଜଣ ଙ୍କୁ ଚାକିରି, ଅବହେଳା କରିଥିବା ଡାକ୍ତର ଙ୍କୁ ନିଲମ୍ବିତ ଦାବି କରିଥିଲେ ।ଘଟଣାସ୍ଥଳରେ ଉତେଜନା ଲାଗି ରହିଥିବାବେଳେ ଧାମନଗର ପୋଲିସ ଉପସ୍ଥିତ ରହିଛନ୍ତି ।

# ସାପ କାମୁଡାରେ ପଂଚମ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣା ବିଦ୍ୟାଳୟରେ ପଶି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ



ବେତନଟୀ (ନି.ପ୍ର): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟର ଜନୈକ ୫ମ ଶ୍ରେଣୀ ଛାତ୍ର ସାପକାମୁଡ଼ାରେ ଗୁରୁତର ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ, ମଙ୍ଗଳବାର ହଷ୍ଟେଲରେ ରହୁଥିବା ବାରିପଦା ନିକଟସ୍ଥ ବାଇଗଣବାଡ଼ିଆ ଗ୍ରାମର ରବିନ୍ଦ୍ର ସୋରେନଙ୍କ ପୁଅ ସପନ ବିଦ୍ୟାଳୟ ପରିସରରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ସାପକାମୁଡ଼ାରେ ଗୁରୁତର ହୋଇଥିଲେ । ତାଙ୍କୁ ବାରିପଦା ପିଆରଏମ୍ ? ମେଡିକାଲ କଲେଜ ଓ ହସପିଟାଲରେ ଭର୍ତି କରାଯାଇଥିଲା । ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଆଜି ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ଶତାଧିକ ଗ୍ରାମବାସୀ ସ୍କୁଲରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଘେରାଉ କରିଥିଲେ ଏବଂ ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣ ମଞ୍ଜରୀ ଭୂୟାଁଙ୍କ ଦାୟିତ୍ୱହୀନତା ପାଇଁ ପ୍ରବଳ ପାଟିତୁଣ୍ଡ କରିଥିଲେ ଏବଂ ତାଙ୍କର ବହିଷ୍କାର ଦାବି କରିଥିଲେ । ଏହା ସହ ମୃତ ଛାତ୍ରଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅଡ଼ି ବସିଥିଲେ । ଘଟଣା ସମ୍ପର୍କରେ ଖବରପାଇ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ସ୍ଥାନୀୟ ସରପଂଚ ବବିତା ସିଂ ମଧ୍ୟ ଲୋକଙ୍କୁ ବୁଝାଶୁଝା କରିଥିଲେ । ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ଓ ଅତିରିକ୍ତ ତହସିଲଦାର ହିତେଶ କୁମାର ଜେନା ପହଂଚି ଲୋକଙ୍କ ସହିତ ଆଲୋଚନା କରିଥିଲେ ଏବଂ ଜିଲାପାଳଙ୍କ ସହ ପରାମର୍ଶ ପରେ ଉପଯୁକ୍ତ କ୍ଷତିପୂରଣ ଦିଆଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହା ସହିତ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସରକାର ଚାକିରିରୁ ନିଲମ୍ବନ କରିଥିବା ପ୍ରକାଶ କରିଥିଲେ । ଏହାପରେ ଘଟଣା ଶାନ୍ତ ପଡ଼ିଥିଲା । ମାତ୍ର ରିପୋର୍ଟ ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଛି ।

# ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ



ଖୋରଧା :-ଖୋରଧା ରୋଟାରୀ କ୍ଲବ ଦ୍ୱାରା ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ବରିଷ୍ଠ ନାଗରିକ ମଂଚ ସଭାଗୃହରେ ଆୟୋଜିତ ହୋଇଥିଲା କ୍ଷ ଅପଥଲୋଜିଷ୍ଟ ଦେବବ୍ରତ ଶ୍ରୀଚନ୍ଦନ ୩୪ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ରୋଟାରୀ କ୍ଲବ ତରଫରୁ ଚଷମା ପ୍ରଦାନ କରାଯାଇଥିଲା ।ଉଭୟ ଅନୁଷ୍ଠାନର ଉପଦେଷ୍ଟା ଦେବ ପ୍ରସାଦ ମଜୁମଦାର ଶିବିରକୁ ଉଦଘାଟନ କରି ପ୍ରକାଶ କରିଥିଲେ କି ରୋଟାରୀ କ୍ଲବ ଭୁବନେଶ୍ୱରସ୍ଥିତ ହସ୍ପିଟାଲରେ ନିଶୁଳ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜନ କରୁଛି ଏବଂ ଆଗ୍ରହୀ ବ୍ୟକ୍ତି ଏଥି ପାଇଁ ଖୋରଧା ରୋଟାରୀ କ୍ଲବ ସହିତ ଯୋଗାଯୋଗ କରନ୍ତୁ କ୍ଷ ଚକ୍ଷୁ ଦାନ ଏକ ମହତ କାର୍ଯ୍ୟ କ୍ଷ ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ମୃତ ବ୍ୟକ୍ତି ତାଙ୍କ ଚକ୍ଷୁ ମାଧ୍ୟମରେ ଅନ୍ୟ ଜଣଙ୍କୁ ବିଶ୍ୱ ଦେଖାଇଥାନ୍ତି ଏବଂ ନିଜେ ଆଉ କିଛି ବର୍ଷ ବଂଚି ରହିଥାନ୍ତି କ୍ଷକ୍ଷ ଚକ୍ଷୁ ଦାନ ପାଇଁ ଖୋରଧା ରୋଟାରୀ କ୍ଲବ ଓ ବରିଷ୍ଠ ନାଗରିକ ମଂଚର ମିଳିତ ଉଦ୍ୟମରେ ଆସନ୍ତା ମାସରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଫଳ ସ୍ୱରୂପ ଶହ ଶହ ସଂଖ୍ୟାରେ ଦୃଷ୍ଟି ଶକ୍ତିରୁ ବଂଚିତ ବ୍ୟକ୍ତି ଉପକୃତ ହୁଅନ୍ତେ କ୍ଷକ୍ଷମଂଚର ଉପସଭାପତି ରତ୍ନାକର ରଣସିଂହ, ସମ୍ପାଦକ ରାମଶଙ୍କର, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଖୋରଧା ରୋଟାରୀ କ୍ଲବର ସଭାପତି ସଞ୍ଜୟ ବର୍ମନ, ସମ୍ପାଦିକା ଶୁଚିସ୍ମିତା ପରିଜା, ଖୋରଧା ପୌର ପରିଷଦ ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତିଙ୍କୁ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ କ୍ଷ ରୋଟାରୀ କ୍ଲବର ବରିଷ୍ଠ ସଦସ୍ୟା ନିରୁପମା ମିତ୍ର ଏବଂ ମଂଚର କର୍ମକର୍ତା ଶିବିରରେ ଯୋଗ ଦେଇଥିଲେ । ମଂଚର ସହ ସମ୍ପାଦକ କ୍ଷେତ୍ରବାସୀ ସାହୁ, ନବୀନ ସମାନ୍ତସିଂହାର, ଗଦାଧର ଗୋଛିଙ୍କ ସହିତ ରତିକାନ୍ତ ପଟ୍ଟନାୟକ, ମାୟାଧର ପ୍ରଧାନ, ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଶୃଙ୍ଖଳିତ ଭାବେ ଶିବିର ପରିଚାଳନା କରିଥିଲେ ।

# କୋୟା ସମ୍ପ୍ରଦାୟର ଝିଅ, ବୋହୂଙ୍କୁ କେବେ ମିଳିବ ନ୍ୟାୟ : କୋୟା ଆଦିବାସୀ ସଂଘ

ମାଲକାନଗିରି, (ହି.ସ.) – ମାଲକାନଗିରି ଜିଲ୍ଲା କୋୟା ସଂଘ ପକ୍ଷରୁ ଆଜି ଏକ ଖବରଦାତା ସମ୍ମିଳନୀରେ କୋୟା ଆଦିବାସୀ ସଂଘର ଝିଅ, ବୋହୂଙ୍କୁ କେବେ ମିଳିବ ନ୍ୟାୟ ବୋଲି ପ୍ରଶ୍ନ କରିଛନ୍ତି ନେତା । ସଂପ୍ରଦାୟ ବିଲୁପ୍ତ ହେବା ପୂର୍ବରୁ ସରକାର ଆମକୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଦାବି କରାଯାଇଛି । କୋୟା ସଂପ୍ରଦାୟ ହେଉଛି ମାଲକାନଗିରି ଜିଲ୍ଲାର ସର୍ବ ପୁରାତନ ଜନଜାତି ।କିନ୍ତୁ ବିଭିନ୍ନ ସମାଜ ଅନେକ ଅତ୍ୟାଚାର, ନିର୍ଯାତନା ଓ ଶୋଷଣ କରାଯାଉଛି ।

ଝିଅ, ବୋହୂଙ୍କୁ ଦୁଷ୍କର୍ମ କରିବା, ଜମି ଲାଳସାରେ କୋୟା ଲୋକଙ୍କୁ ହତ୍ୟା କରିବା, କୋୟା ଝିଅକୁ ପ୍ରଲୋଭନ ଦେଖାଇ ବିବାହ କରି ସେମାନଙ୍କର ଜମିକୁ ଅକ୍ତିଆର କରିବା ଓ ନିଜ ସ୍ତ୍ରୀ ଥାଇ ମଧ୍ୟ କୋୟା ଝିଅକୁ ବାହା ହୋଇ ଜମି କିଣାବିକା ଓ ରାଜନୈତିକ କ୍ଷେତ୍ରରେ ଫାଇଦା ନେବା ଭଳି କାମ କରାଯାଉଛି । ଆଦିବାସୀ କୋୟା ଝିଅକୁ ଆଗରେ ରଖି ବେଙ୍ଗଲି ଲୋକେ ସମସ୍ତ ଅସାମାଜିକ କାମ କରୁଛନ୍ତି । ପୁଣି କିଛି ବେଙ୍ଗଲି ଲୋକ ସୋସିଆଲ ମିଡିଆରେ ବିବିନ୍ନ ଆପତି ଜନକ ପୋଷ୍ଟ କରୁଛନ୍ତି । କୋୟା ସଂପ୍ରଦାୟକୁ ନେଇ ଗାଳିଗୁଲଜ କରୁଛନ୍ତି । କିଛି ବେଙ୍ଗଲି ସମାଜର ଲୋକେ ଭାଇଚାରାରେ ବଂଚିବା ପାଇଁ ନେହୁରା ହେଉଥିବାବେଳେ ଆଉ କିଛି ଲୋକ ସୋସିଆଲ ମିଡିଆରେ ବିଭିନ୍ନ ବେଆଇନ ମନ୍ତବ୍ୟ ଦେଉଛନ୍ତି । ଯାହା ଗ୍ରହଣୀୟ ନୁହେଁ ବୋଲି କୋୟା ସଂଘ କହିଛି ।

ଆଦିବାସୀଙ୍କର ଯେତିକି ଜମି ଅକ୍ତିଆରରେ ରହିଛି । ସେଗୁଡିକ ତୁନର୍ତ ଫେରସ୍ତ କରାଯାଉ । ତେଣୁ ସରକାର ଓ ଜିଲ୍ଲା ପ୍ରଶାସନ କୋୟା ସଂପ୍ରଦାୟର ଦାବିଗୁଡ଼ିକ ତୁରନ୍ତ ନମାନିଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ସଂଘ ଗ୍ରହଣ କରିବାକୁ ବାଧ ହେବ ବୋଲି କୋୟା ସଂଘର ସଭାପତି ଭୀମା ବାରସେ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ଘନଶ୍ୟାମ ମାଡକାମୀ, ଇର୍ମା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ମାନସ ମାଡକାମୀ, ଘନଶ୍ୟାମ ମାଡକାମୀ, ଇର୍ମା ପଡିଆମି ପ୍ରମୁଖ ଉପସ୍ଥିତ ଥିଲେ ।

# ବରଗଡ଼ରେ ଶିକ୍ଷା ଭିତିଭୂମିକୁ ସୁଦୃଢ଼ କଲା ଏମ୍.ସି.ଏଲ୍

ସମ୍ବଲପୁର : ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଗଉଖ) ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ସାମାଜିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ, ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱ (ଉଝଜ) କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବରଗଡ଼ ଜିଲ୍ଲାରେ ଦୁଇଟି ଶିକ୍ଷା ଭିତିଭୂମି ପ୍ରକଳ୍ପକୁ ଉତ୍ସର୍ଗ କରିଛି । ମୋଟ ?୯୯.୦୩ ଲକ୍ଷର ପୁଞ୍ଜିନିବେଶରେ, ଏମ୍.ସି.ଏଲ୍ ତୋରା ଜୁନିଅର କଲେଜରେ ଏକ ପ୍ରେକ୍ଷାଳୟ (ଅଡିଟୋରିୟମ୍) ଓ ଛାତ୍ରୀ କମନ୍ ରୁମ୍ ଏବଂ ବରଗଡ଼ ସ୍ଥିତ ବାପୁଜୀ ସ୍ପେଶାଲ ସ୍କୁଲରେ ନୂତନ ଶ୍ରେଣୀଗୃହ ପ୍ରକଳ୍ପକୁ ଲୋକାର୍ପିତ କରିଛି ।ଓଡ଼ିଶା ସରକାରଙ୍କ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ; ମାନ୍ୟବର ସାଂସଦ (ଲୋକସଭା), ବରଗଡ଼ ଶ୍ରୀ ପ୍ରଦୀପ ପୁରୋହିତ ଏବଂ ବରଗଡ଼ର ମାନ୍ୟବର ବିଧାୟକ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବରଗଡ଼ରେ ଆୟୋଜିତ ଏହି ସମାରୋହରେ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଏମ୍.ସି.ଏଲର ସି.ଏସ୍.ଆର୍ ମହାପ୍ରବନ୍ଧକ ଶ୍ରୀ



ଜ୍ୟୋତିର୍ମୟ ସିହ୍ନା, ଜିଲ୍ଲା ପ୍ରଶାସନର ଅଧିକାରୀ, ଅନୁଷ୍ଠାନର ପ୍ରତିନିଧି, ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦା ମଧ୍ୟ ଉପସ୍ଥିତ ରହିଥିଲେ ।କଲେଜରେ ନିର୍ମିତ ଏହି ନୂତନ ସୁବିଧାଗୁଡ଼ିକ ଶିକ୍ଷାଗତ କାର୍ଯ୍ୟକଳାପ, ସାଂସ୍କୃତିକ କାର୍ଯ୍ୟକ୍ରମ, ସେମିନାର ଏବଂ ଅନ୍ୟାନ୍ୟ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମ ପାଇଁ ଉନ୍ନତ ଭିତିଭୂମି ପ୍ରଦାନ କରିବ, ଯାହା ଦ୍ୱାରା ୧,୫୦୦ ଛାତ୍ରଛାତ୍ରୀ ଉପକୃତ ହେବେ । ଅନ୍ୟପକ୍ଷରେ, ନବନିର୍ମିତ ଶ୍ରେଣୀଗୃହଗୁଡ଼ିକ ପ୍ରାୟ ୫୦୦ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ ବିକାଶମୂଳକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ସୁରକ୍ଷିତ, ଅଧିକ ସୁଗମ ଏବଂ ସାମଗ୍ରିକ ଶିକ୍ଷା ପରିବେଶ ସୃଷ୍ଟି କରିବାରେ ସହାୟକ ହେବ । ଶିକ୍ଷା ଭିତିଭୂମି, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଜୀବିକା ନିର୍ବାହ ଏବଂ ସାମୁଦାୟିକ ବିକାଶ କ୍ଷେତ୍ରରେ ନିରନ୍ତର ପୁଞ୍ଜିନିବେଶ ମାଧ୍ୟମରେ, ଏମ୍.ସି.ଏଲ୍ ନିଜର କାର୍ଯ୍ୟକ୍ଷେତ୍ର ଏବଂ ସମଗ୍ର ଓଡ଼ିଶା ମଧ୍ୟରେ ସ୍ଥାୟୀ ତଥା ସାମାଜିକ-ଅର୍ଥନୈତିକ ସାମୁଦାୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛି ।

# ନୀଳଗିରି- ବଉଳଗଡିଆ ରାସ୍ତା ପାଇଁ ଧାରଣା ଘଟଣା

## କ୍ରିମିନାଲ ମନ୍ତବ୍ୟ ଦେଲେ ବିଧାୟକ, ବିଧାୟକଙ୍କ ନାମରେ ଥାନାରେ ଏତେଲା

ନୀଳଗିରି,(ନି.ପ୍ର.):ନୀଳଗିରି-ବଉଳଗଡିଆ ରାସ୍ତାର ପୁନଉଦ୍ଧାର ପାଇଁ ଆନ୍ଦୋଳନ କାରୀଙ୍କୁ ନୀଳଗିରି ବିଧାୟକଙ୍କ କ୍ରିମିନାଲ ଭଳି ଅଶାଳୀନ ମନ୍ତବ୍ୟ କୁ ଦେଇ ଅଡୁଆରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ । ଏହାକୁ ଅଂଚଳିକ କୃଷକ ମଂଚ ପକ୍ଷରୁ ବିରୋଧ କରି ଆଜି ଅପରାହ୍ନ ୪ଘଟିକାସମୟ ରେ ଜଗନ୍ନାଥ କଲ୍ୟାଣ ମଣ୍ଡପ ରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀ ରେ କୃଷକ ମଂଚର ସମ୍ପାଦକ କୈଳାଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତାକରିଥିଲେ ।ଏଥିରେ ଉପସଭାପତି ଉମାକାନ୍ତ ମଲ୍ଲିକ, ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସିଆଡିମାଳ ସମିତି ସଭ୍ୟ ରାଜୀବ ଦାସବାବୁ,ପୂର୍ବତନ ଏସଡିସି ଚେୟାରମ୍ୟାନ ମଦନ ମୋହନ ମାଝୀ, ନୀଳଗିରି ଏନଏସି ପୂର୍ବତନ ଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, କିଷାନ କଂଗ୍ରେସ ରାଜ୍ୟ ଉପସଭାପତିନେତା ଯଶୋଦା ନନ୍ଦନ ସିଂହ, ସିପିଆଇ(ଏମ) ଅମରେନ୍ଦ୍ର ନାୟକ,ଗଙ୍ଗାଧର ମିଶ୍ର, ସିପିଆଇ ଜୋନ ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ସ,କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ସିପିଆଇ(ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଜୟ ପାତ୍ର ପ୍ରମୁଖ ନେତୃବୃନ୍ଦ ମାନେ ମଂଚାସୀନ ଥାଇ ବିଧାୟକ ଶ୍ରୀଯୁକ୍ତ ଖଟୁଆ ସୋସିଆଲ ମିଡ଼ିଆରେ ଦେଇଥିବା ମନ୍ତବ୍ୟରେ ଆନ୍ଦୋଳନକାରୀ ମାନଙ୍କ ବିରୋଦ୍ଧରେ କ୍ରିମିନାଲ ପାର୍ଟି ଭଳି ଅରୁଚିକର ଅପଶବ୍ଦ ବ୍ୟବହାର କୁ ନେଇ ଘୋର ନିନ୍ଦା କରିଥିଲେ । ଏଭଳି ଅରୁଚିକର ଅପଶବ୍ଦ ବ୍ୟବହାର ପାଇଁ ଖୁଦ ବିଧାୟକ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ସଙ୍ଘ ପକ୍ଷରୁ ଦାବୀ କରିଛନ୍ତି । ବିଧାୟକ ଯଦି କ୍ଷମା ନ ମାଗନ୍ତି ତ୍ବେ ଆଗାମୀ ଦିନରେ ନୀଳଗିରି ନିର୍ବାଚନ ମଣ୍ଡଳୀ ଜୋନ ସ୍ତରୀୟ ପ୍ରମୁଖ ସହର ମାନଙ୍କରେ ପଥପ୍ରାନ୍ତ ସଭା କରି ବିଧାୟକଙ୍କର ଅତୀତରେ କୃତ କର୍ମ ଓ ଅଶାଳୀନ ମନ୍ତବ୍ୟ କୁ ନେଇ ପର୍ଦାଫାସ କରାଯିବ ବୋଲି ଦୃଢ ଚେତାବନୀ ଦେଇଥିଲେ । ପରେ କୃଷକ ମଂଚର ଉପସଭାପତି ଉମାକାନ୍ତ ମଲ୍ଲିକ ଙ୍କ ନେତୃତ୍ୱ ରେ ଏକ ପ୍ରତିନିଧି ମଣ୍ଡଳ ନୀଳଗିରି ଥାନାକୁ ଯାଇ ବିଧାୟକଙ୍କ ବରୋଦ୍ଧରେ ଏକ ଲିଖିତ ଅଭିଯୋଗ ଆଇଆଇସି ଗୋବର୍ଦ୍ଧନ ନାୟକ ଙ୍କୁ ଦେବା ସହିତ ଉକ୍ତ ଅଭିଯୋଗ କୁ ଦରଜ କରିବା ପାଇଁ ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଙ୍କୁ ଭେଟି ଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସିଆଡିମାଳ ସରପଂଚ ସୁରଥ ସିଂ, ନୀଳଗିରି ଲ୍ୟାମ୍ପ ସଭାପତି ନମା ସିଂ ବୁଦ୍ଧଦେବ ସରକାର, ଉମାକାନ୍ତ ଷଡ଼ଙ୍ଗୀ, ହେମେନ୍ଦ୍ର ସେଠୀ, ଚନ୍ଦନ ନାୟକ, ଅରୁଣ କୁମାର ପଣ୍ଡା ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ପରିଚାଳନା ରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ନୀଳଗିରି-ବଉଳଗଡିଆ ରାସ୍ତା ର ଶୋଚନୀୟ ଅବସ୍ଥା କୁ ନେଇ ନୀଳଗିରି କୃଷକ ମଂଚ ତରଫରୁ ଗତ ୯ ତାରିଖ ଦିନ ୩ ଦଫା ଦାବି ନେଇ ବାଉଁଶବଣିଆ ପଂଚାୟତ ଛକଠାରେଆଂଚଳିକ କୃଷକ ମଂଚର ଉପଦେଷ୍ଟା ନିରଞ୍ଜନ ବାରିକ ଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନ କାରୀ ମାନେ ସକାଳ ୯ ଘଟିକା ସମୟରେ ରାସ୍ତାରୋକ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ' କୋଟିଏ ଟଙ୍କାର ଗାଡ଼ିରେ ଆସୁଛି କଳା ସାଆନ୍ତ' ଭଜନ ଉନ୍ମୋଚନ

ନୀଳଗିରି,(ନି.ପ୍ର), ନୀଳଗିରି ଜଗନ୍ନାଥ ମନ୍ଦିର ସାମ୍ନା ଅରୁଣ ସ୍ତମ୍ଭ ନିକଟରେ ଶନିବାର ଦିନ ଓଡ଼ିଆ ଜଗନ୍ନାଥଙ୍କ ଭଜନ 'କୋଟିଏ ଟଙ୍କାର ଗାଡ଼ିରେ ଆସୁଛି କଳା ସାଆନ୍ତ' ଗୀତଟି ଉନ୍ମୋଚନ ହୋଇ ଯାଇଛି । ବିଷ୍ଣୁ ମୋହନ କବି ଗୀତକୁ ଗାଇଛନ୍ତି । ପ୍ରଥମେ ଜଗନ୍ନାଥଙ୍କ ପ୍ରଧାନ ପୂଜକ ହରିବନ୍ଧୁ କରଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ହୋଇଥିଲା ।



ଉନ୍ମୋଚନ ସମୟରେ ମୁଖ୍ୟ ଅତିଥି ଢେଙ୍କାନାଳ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଶ୍ରୀଯୁକ୍ତ ସରୋଜ କୁମାର ସେଠୀ, ମୁଖ୍ୟବକ୍ତା ନୀଳଗିରି ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଗଙ୍ଗାଧର ମିଶ୍ର, ସମ୍ମାନିତ ଅତିଥି ସାମ୍ବାଦିକ ଜଗନ୍ନାଥ ପାତ୍ର ଓ ଟୁନୁ ପଟ୍ଟନାୟକ ଉପସ୍ଥିତ ରହି କ୍ୟାସେଟ୍ ଟିକୁ ଉନ୍ମୋଚନ କରିଥିଲେ । ଅତିଥି ମାନଙ୍କୁ ଉତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା । ସମସ୍ତ ଅତିଥି ନିଜ ନିଜର ଜଗନ୍ନାଥଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଗୀତକୁ ଲେଖିଛନ୍ତି ସୌମ୍ୟ ରଞ୍ଜନ ସାହୁ, ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିଂଟୁ ଦାସ, ପ୍ରଯୋଜକ ସର୍ବେଶ୍ୱର ପାତ୍ର, ଏହି କାର୍ଯ୍ୟକ୍ରମକୁ ସୁଚାରୁରୁପେ ତୁଲାଇ ଥିଲେ ସତ୍ୟବ୍ରତ ପାଣ୍ଡିଆ

## ଏଚ୍. କଟାପାଲି ଖେଳପଡ଼ିଆରୁ ବେଆଇନ ମାଟି ଉଠାଣ ଘଟଣା; ୨ଟି ଜେସିବି ଓ ୧ଟି ହାଇଭା ଜବତ

ଝାରସୁଗୁଡ଼ା,(ନି.ପ୍ର.)ଗତ ବିଳମ୍ବିତ ରାତିରେ ଏଚ୍. କଟାପାଲି ସ୍ଥିତ ଆଥଲେଟିକ୍ସ ଖେଳପଡ଼ିଆରୁ ବେଆଇନ ଭାବେ ମାଟି ଉଠାଯାଉଥିବା ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି । ବନ ବିଭାଗର ସହଯୋଗରେ କରାଯାଇଥିବା ଏହି ମିଳିତ କାର୍ଯ୍ୟାନୁଷ୍ଠାନରେ ଘଟଣାସ୍ଥଳରୁ ୨ଟି ଆର୍ଥମୁଭର (ଜେସିବି) ଏବଂ ୧ଟି ହାଇଭା ଟ୍ରକକୁ ଜବତ କରାଯାଇଛି । ଏହି ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ମିଳିବା ମାତ୍ରେ ହିଁ ତୁରନ୍ତ ଟିମ୍ ଗଠନ କରାଯାଇ ରାତିରେ ଚଢ଼ାଉ କରାଯାଇଥିଲା । ଏହି ସମ୍ବେଦନଶୀଳ ଘଟଣାକୁ ଗମ୍ଭୀରତାର ସହ ନେଇ ଖଣି ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା



ଆରମ୍ଭ ହୋଇଛି । ମାଟି ମାଫିଆଙ୍କ ଏହି ବେଆଇନ କାରବାର ପଛରେ କାହାର ସଂପୃକ୍ତି ରହିଛି, ସେ ନେଇ ତଦନ୍ତ ଜାରି ରହିଛି । ଏଥିସହିତ ସରକାରୀ ସମ୍ପତି ଏବଂ କ୍ରୀଡ଼ା ଭିତିଭୂମିକୁ ନଷ୍ଟ କରୁଥିବା ସମସ୍ତ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ କହିଛନ୍ତି ଯେ, 'ବେଆଇନ ଖନନ ଏବଂ ପ୍ରାକୃତିକ ସମ୍ପଦର ଲୁଟ୍‌କୁ କୌଣସି ପରିସ୍ଥିତିରେ ବି ବରଦାସ୍ତ କରାଯିବ ନାହିଁ । ଆମେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛୁ । ଏଥିରେ ସଂପୃକ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲାରେ ବେଆଇନ ଖଣି କାରବାର ବିରୋଧରେ ଆମର 'ଜିରୋ ଟଲରାନ୍ସ' ନୀତି ଜାରି ରହିବ ।'

# ଚାରି ବର୍ଷ ପରେ ଖୋଲିଲା ଦୁର୍ଗା ମନ୍ଦିର ହୁଣ୍ଡି ହୁଣ୍ଡିରୁ ମିଳିଲା ପ୍ରାୟ ୨ ଲକ୍ଷ ଟଙ୍କା

ରାୟଗଡା (ନି.ପ୍ର) ରାୟଗଡ଼ା ଜିଲ୍ଲା ସଦରମହକୁମା ସ୍ଥିତ ପାଇକ ସାହି ରେ ଥିବା ଅତି ପୁରାତନ ଦୁର୍ଗା ମନ୍ଦିର ର ହୁଣ୍ଡି ପ୍ରାୟ ୪ ବର୍ଷ ପରେ ଆଜି ଖୋଲାଯାଇଥିଲା । ଦୁର୍ଗା ମନ୍ଦିର କମିଟି ତରଫରୁ ଏହି ହୁଣ୍ଡି ଖୋଲା କାର୍ଯ୍ୟ କରାଯାଇଥିବା ବେଳେ କମିଟିର କୋଷାଧ୍ୟକ୍ଷ ଅପନ୍ନା ନାୟକ ଓ ଉପଦେଷ୍ଟା ମେଘନାଦ ନାୟକ ଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ରମେଶ ଜେନା, କାଳିଦାସ ମଣ୍ଡଙ୍ଗୀ, ଉମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ହୁଣ୍ଡି ରୁ ୧ ଲକ୍ଷ ୮୪ ହଜାର ୯୬୫ ଟଙ୍କା ବାହାରିଥିବା ବେଳେ ଉକ୍ତ ସମସ୍ତ ଦାନ ରାଶିକୁ କମିଟିର ଉପସ୍ଥିତି ରେ ସ୍ଥାନୀୟ ଇଣ୍ଡିଆନ୍ ବ୍ୟାଙ୍କ ଶାଖାରେ ମନ୍ଦିର ଟ୍ରଷ୍ଟ ନାଁ ରେ ଥିବା ଆକାଉଂଟ ରେ ଡିପୋଜିଟ୍ କରାଗଲା । ଆଜିର ଏହି ହୁଣ୍ଡି ଖୋଲା କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ ରହିଥିବା ବେଳେ ସୁରୁଖୁରୁରେ ପରିଚାଳିତ ହୋଇଯାଇଅଛି ।



# ରାତିଅଧିଆ ଅସୁରକ୍ଷିତ ଭାବେ ଆଡ଼ିବନ୍ଧ ନିର୍ମାଣ

## - ସୁରକ୍ଷା ନିରାପତ ବିଭାଗ ନିଘୋଡ ନିଦ୍ରାରେ

## - କମ୍ପାନୀର ନିର୍ଦ୍ଦେଶ ଶ୍ରମିକଙ୍କୁ ହୁକୁମ

ରାୟଗଡା (ନି.ପ୍ର.) ରାୟଗଡ଼ା ଜିଲ୍ଲାରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ନାଗାବଳୀ ନଦୀ ଉପରେ ଜେକେ କାଗଜକଳ କର୍ତୃପକ୍ଷ ଙ୍କ ରାତିଅଧିଆ ଶହ ଶହ ଶ୍ରମିକଙ୍କୁ ନିୟୋଜିତ କରାଇ ଅସୁରକ୍ଷିତ ଅବସ୍ଥାରେ ନଦୀ ଗର୍ଭରେ ପଶି ଆଡ଼ିବନ୍ଧ ନିର୍ମାଣ ହେଉଥିବା ଦେଖିବାକୁ ମିଳିଛି । ଯାହାକି ଯଦିଓ ଉପର ମୁଣ୍ଡରୁ ବର୍ଷା ଜଳ ଆକସ୍ମିକ ଭାବେ ଚାଲି ଆସେ ଏକ ବଡ ଅଘଟଣକୁ ଏଡେଇବା ଏକ ପ୍ରକାର ଅସମ୍ଭବ । ଏହି ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ରାତି ଅଧିଆ କଂପାନୀ କର୍ତୃପକ୍ଷ ଙ୍କ ଦ୍ୱାରା କରାଯାଉଥିବା ଦେଖିବାକୁ ମିଳିଥିବାବେଳେ ଏହି ଅସୁରକ୍ଷିତ କାର୍ଯ୍ୟକୁ ଖୋଦ୍ ଜେକେ କାଗଜ କଳର ଭାଇସ ପ୍ରେସିଡେଂଟ ବିନୟ ଦ୍ୱିବେଦୀ ତଦାରଖ କରୁଥିବା ଦେଖିବାକୁ ମିଳିଛି । ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଠିକା ଶ୍ରମିକଙ୍କୁ ନିୟୋଜିତ କରିଥିବା ବେଳେ କମ୍ପାନୀ ର ସୁରକ୍ଷା ନିରାପତା ବିଭାଗ ସେଠାରେ ଉପସ୍ଥିତ ରହି ଏଭଳି ଅସୁରକ୍ଷିତ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା କେତେ ଦୂର୍ ଯଥାର୍ଥତା ରହିଛି । ଯେଉଁଭଳି ବିପଦପୂର୍ଣ୍ଣ ଭାବରେ ନାଗାବଳୀ ନଦୀର ସ୍ରୋତକୁ ବାଲି ବସ୍ତା ଦ୍ୱାରା ଆଡ଼ିବନ୍ଧ ବାନ୍ଧି ଯାଉଛି ତଦ୍ୱାରା ଉପକୂଳବର୍ତୀ ଅଂଚଳର ଚାଷ ଜମି ଧୀରେ ଧୀରେ ନଦୀ ଗର୍ଭରେ ଲୀନ ହେଉଛି । ଏ ନେଇ ଉକ୍ତ ଜମିମାଲିକ କମ୍ପାନୀ କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କନ୍ଧ ମାଲି ଗାଁ ର ଜନୈକ ଚାଷୀ ସୁରେଶ ହୂଇକା କହିଛନ୍ତି । ଏହା ବ୍ୟତୀତ ରାତି ଅଧିଆ ଯେଉଁ ଶ୍ରମିକ ମାନଙ୍କ



ଦ୍ୱାରା ସେମାନଙ୍କ ଜୀବନକୁ ବିପଦ ସଙ୍କୁଳ ଅବସ୍ଥାରେ ଠେଲି ଦେଇ ଏହି ଜେକେ କାଗଜ କଳ ନିଜର ସ୍ୱାର୍ଥ ସାଧନ କରୁଛି ଯଦିଓ କିଛି ବଡ଼ ଅଘଟଣ ଘଟିଯାଏ ସେଥିପାଇଁ ଉତର ଦାୟୀ ରହିବ ନା ସର୍ବଦା ନିଜର ସ୍ୱାର୍ଥ ହାସଲ ପରେ ପଳା ଝାଡ଼ି ମୁକସାକ୍ଷୀ ହୋଇ ନିଜର ସ୍ୱଚ୍ଛ ଭାବମୂର୍ତିର ସଂଜ୍ଞା ଦେଇ ଚୁପି ସାଧିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଉପକୂଳବର୍ତୀ ପ୍ରଭାବିତ ଅଂଚଳର ଶିକ୍ଷିତ ଯୁବକ ଯୁବତୀ ମାନେ ଯେଉଁ ନିଜ ଅଂଚର୍ ଶିଳ୍ପ ପ୍ରତିଷ୍ଠାନ ଉପରେ କର୍ମନିଯୋଗ ପାଇଁଭରଧ ରଖିଛନ୍ତି ତାହା ମଧ୍ୟ ସେମାନଙ୍କୁ ମିଳିନଥିବା କହିଛନ୍ତି ଶ୍ରୀ ହୁଇକା । ଏହି ଜେ କେ କାଗଜକଳ କର୍ତୃପକ୍ଷ ରାତିଅଧିଆ ଯେଉଁ ବ୍ୟବହୃତ ଦୂଷିତ ଜଳ ନାଗାବଳୀ ନଦୀ ଗର୍ଭକୁ ଛାଡୁଛି ତାହା ମଧ୍ୟ ନାଗାବଳୀ ନଦୀର ତଳ ମୁଣ୍ଡରେ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ଏକ ଚିନ୍ତାଜନକ ବିଷୟ । ଯାହାକୁ ନା କମ୍ପାନୀ କର୍ତୃପକ୍ଷ ନା ଜିଲ୍ଲାପ୍ରଶାସନ ଏଥିପ୍ରତି ସଜାଗ ଅଛନ୍ତି । ଏହାର ସମୟାନୁଯାୟୀ ଯଦି କୌଣସି ବ୍ୟବସ୍ଥା ନହୁଏ ତାହେଲେ ଆଗାମୀ ଦିନରେ ଏହାର ପ୍ରଭାବ ନିଶ୍ଚିତ ଉପକୂଳବର୍ତୀ ଅଂଚଳ ବାସୀଙ୍କୁ ଭୋଗିବାକୁ ପଡିବ ଏଥିରେ କୌଣସି ସନ୍ଦେହ ନାହିଁ ।

## ଡିଉଟି ସମୟରେ ରିଲ୍ସ ; ୨ନର୍ସ ସହ ଜଣେ ଫାର୍ମାସିଷ୍ଟଙ୍କୁ କାରଣ ଦର୍ଶାଅ ନୋଟିସ

ନୀଳଗିରି,(ନି.ପ୍ର): ନୀଳଗିରି ଚିକିତ୍ସାଳୟରେ ରୋଗୀ ଅସୁବିଧା ଭୋଗୁଥିବାବେଳେ ଟିକଟ କାଉଂଟର ଭିତରେ ଗୋଡ଼କୁ ଝରକା ଉପରକୁ ଟେକି ମୋବାଇଲରେ ଭିଡ଼ିଓ ଦେଖି ଚାଲିଥିଲେ ଜଣେ ଫାର୍ମାସିଷ୍ଟ । ଅପରପକ୍ଷରେ ନିଜ ଡ୍ୟୁଟିରେ ଅବହେଳା କରି ୨ଜଣ ନର୍ସ ଡାକ୍ତରଖାନା ଭିତରେ ଥିବା ଡ୍ୟୁଟି ରୁମରେ ରିଲ୍ସ କରୁଥିଲେ । ଆଉ ଜଣେ ମୋବାଇଲରେ ଗପି ଚାଲିଥିଲେ ବୋଲି ଅଭିଯୋଗ ଆସିଥିଲା । ନୀଳଗିରି ଚିକିତ୍ସାଳୟରେ ଏଭଳି ବିଚିତ୍ର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା । ଏହି ଘଟଣାରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମଧ୍ୟ ସମ୍ପୃକ୍ତ କର୍ମଚାରୀଙ୍କ ଏପରି କାର୍ଯ୍ୟ କୁ ନେଇ ବିଗିଡିଥିଲେ । ଯଦି ଡ୍ୟୁଟି କରିବାର ଅଛି ଠିକ ଢ଼ଙ୍ଗରେ ଡ୍ୟୁଟି କର, ନଚେତ ବିଦା କରାଯିବା ପୂର୍ବରୁ ସ୍ୱଇଛାରେ ଚାକିରି ଛାଡ଼ି ପଳାଅ ବୋଲି ମଧ୍ୟ ଚେତାବନୀ ଦେଇଥିଲେ । ଏହି ଫାର୍ମାସିଷ୍ଟଙ୍କ ଘର ମୟୂରଭଞ୍ଜ ଅଂଚଳର ହୋଇଥିବା ବେଳେ ତାଙ୍କ ଡ୍ୟୁଟି ନଥିବା ସମୟରେ ରୋଗୀ ପଞ୍ଜିକରଣ କେନ୍ଦ୍ରରେ ମୋବାଇଲ ଦେଖୁଥିଲେ ବୋଲି କହିଥିଲେ । ସେପଟେ ନୀଳଗିରି ବ୍ଲକ ମାଟିଆଳି ଓ ବାଲେଶ୍ୱର ଅଂଚଳର ଦୁଇ ନର୍ସଙ୍କ ସମେତ ଫାର୍ମାସିଷ୍ଟଙ୍କୁ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଉତର ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୀଳଗିରି ଏସଡିଏମଓ ଡା. ସତ୍ୟନାରାୟଣ ନାୟକ ପ୍ରକାଶ କରିଛନ୍ତି ।


**AFFIDAVIT**

By virtue of an Affidavit Sworn before Executive magistrate Balasore, dated 04.07.2025 I Sri Hrusikesh Panirahi aged 56 years S/o: Late-Kashinath Panigrahi resident of At Angaragadia Ps- Industrial Area Post/Dist: Balasore, (Odisha), Pin-756001, having Aadhaar Card No- 6353 2197 9421 declare that my son namely Ayush Panigrahi's Class-12 CBSE Certificate father's name wrongly mentioned as Hrushikesh Panigrahi. However the correct spelling is Hrusikesh Panigrahi.

Sd/-
Hrusikesh Panigrahi


## ନୀଳଗିରି ସହରରେ ବୁଲୁଛି ଭାଲୁ ସାଇକେଲ ଆରୋହୀଙ୍କୁ ଝାମ୍ପ ମାରିଲା

ନୀଳଗିରି, (ନି.ପ୍ର): ଶୁକ୍ରବାର ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରୁ ଏକ ଭାଲୁ ଆସି ନୀଳଗିରି ସହରରେ ବୁଲୁଥିବା ଦେଖିବାକୁ ମିଳିଛି । ରାସ୍ତାରେ ସାଇକେଲରେ ଯାଉଥିବା ଦୁଇ ଯୁବକଙ୍କ ଉପରକୁ ଝାମ୍ପ ମାରିଛି । ଭାଲୁ ଆକ୍ରମଣରେ ଡ୍ରେନରେ ପଡି ଦୁଇ ଯୁବକ ଆହତ ହୋଇ ଅଳ୍ପକେ ବର୍ତିଛନ୍ତି । ଘାଟଘରସାହି ଅଂଚଳର ଦୁଇ ଯୁବକ ରାହୁଲ ଓ ସନ୍ତୋଷ ସିଂ ଜଗନ୍ନାଥ ମନ୍ଦିର ପଛ ପଟ ଗଳି ଦେଇ ଯାଉଥିବା ବେଳେ ଭାଲୁ ତାଙ୍କ ଉପରକୁ ଲମ୍ଫ ମାରିଥିଲା । ଫଳରେ ଦୁଇ ଜଣ ଡ୍ରେନରେ ପଡ଼ି ଯାଇଥିଲେ । ରାହୁଲଙ୍କ ଗୋଡ଼ରେ ଆଘାତ ଲାଗିଥିବାବେଳେ ସନ୍ତୋଷଙ୍କର କାନରେ ଆଘାତ ଲାଗିଛି । ପାଖ ଲୋକ ଡାକ ପକାଇବାରୁ ଭାଲୁଟି ଛାଡ଼ି ପଳାଇଯାଇଥିଲା ।

# ରାଜକିଶୋର ବେହେରାଙ୍କ ଗବେଷଣାଧର୍ମୀ ପୁସ୍ତକ ଉନ୍ମୋଚିତ

କଟକ: (ନି.ପ୍ର.) ବିଜୁପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ରାଜ କିଶୋର ବେହେରାଙ୍କ ଦ୍ୱାରା ଲିଖିତ ଗବେଷଣାଧର୍ମୀ 'କଟକ କଥାଣୀ' ପୁସ୍ତକ ସଭାପତି ଶ୍ରୀ ଅଶୋକ କୁମାର ପାଲଟାସିଂହଙ୍କ ପୌରହିତ୍ୟରେ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇ ଯାଇଛି ।ଲେଖକଙ୍କ ୮୦ତମ ଜନ୍ମଦିନ ଅବସରରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ତଥା ଜଟଣୀର ପ୍ରାକ୍ତନ ବିଧାୟକ ଶ୍ରୀ ସୁର ରାଉତରାୟ ଉତ୍ସବରେ ଯୋଗଦାନ କରି ଲେଖକଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ ।ରାଜଧାନୀ କଲେଜ ଅଧ୍ୟାପକ ଶ୍ରୀ ବିଭୂତି ଭୂଷଣ ମହାପାତ୍ର ସ୍ୱାଗତ ଭାଷଣ ଦେଲା



ବେଳେ ଶ୍ରୀ ରାଜୀବ ଷଡ଼ଙ୍ଗୀ ପୁସ୍ତକଟି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ପ୍ରଫେସର ପ୍ରଫୁଲ୍ଲ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍କଳ ସାରସ୍ୱତ ଭଣ୍ଡାରକୁ ଏହା ଏକ ଅନବଦ୍ୟ ଅବଦାନ ବୋଲି ବର୍ଣ୍ଣନା କରିଥିଲେ ।ଅନ୍ୟତମ ଅତିଥି ଓଡ଼ିଶା ଉଚ୍ଚ ନ୍ୟାୟଳୟର ବରିଷ୍ଠ ଆଇନଜୀବୀ ଲେଖକଙ୍କର କୀର୍ତି ଓ କୃତି ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ବାରବାଟୀ କଟକ ବିଧାୟିକା ଶ୍ରୀମତୀ ସୋଫିଆ ଫିର୍ଦୋଷ , ଚୌଦ୍ୱାର କଟକର ପ୍ରାକ୍ତନ ବିଧାୟକ ଡ଼ ପ୍ରଭାତ ରଞ୍ଜନ ବିଶ୍ୱାଳ,ଓଡ଼ିଶା ସିନେ ଜଗତର ପ୍ରଖ୍ୟାତ ତାରକା ଶ୍ରୀ ଶ୍ରୀତମ ଦାସ, ଡ ରମେଶ ଚନ୍ଦ୍ର ଦାସ, ପ୍ରଫେସର ଶ୍ରୀ ସଞ୍ଜୟ ସାମନ୍ତରାୟ, ଶ୍ରୀ ରମେଶ ଚନ୍ଦ୍ର ପାତାଳ ସିଂହ, ପ୍ରଫେସର ଶ୍ରୀ ଶଶାଙ୍କ ଶେଖର ଚୂଡ଼ାମଣି ଯୋଗଦାନ କରିଥିବାବେଳେ ସଂଯୋଜକ ଶ୍ରୀ କେଦାର ନାଥ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଇଞ୍ଜିନିୟର ସମ୍ପଦ ବେହେରା ସଭା ପରିଚାଳନା କରିଥିଲେ ।

## ଦେଶୀ ମଦ ସହିତ ବିଅର ଜବତ, ୦୩ ଗିରଫ

ସିମୁଳିଆ(ନି.ପ୍ର)ବାଲେଶ୍ୱର ଅବକାରୀ ଅଧିକ୍ଷକ ଶେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଓ ନୀଳଗିରି ଅବକାରୀ ନିରୀକ୍ଷକ ଶ୍ରୀ କେଶବ ଚନ୍ଦ୍ର ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହଲ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଖଇରା ଥାନା ଅନ୍ତର୍ଗତ ଖଇରା ବଜାର, ବ୍ରାହ୍ମଣପୋଖରୀ ଛକ ଓ କୁରୁଂଟା ଗ୍ରାମରେ ଚଢ଼ାଉ କରାଯାଇ ୮୦ ଲିଟର ଦେଶୀ ମଦ ଓ ୯.୫୦୦ ଲିଟର ବିଅର ଜବତ କରାଯିବା ସହିତ ପୁରୁଷୋତମପୁର ଗ୍ରାମର ଦିଲ୍ଲୀପ ମୁଖୀ, ଅଚ୍ୟୁତପୁର ଗ୍ରାମର ରମେଶ ଚନ୍ଦ୍ର ସାହୁ ଓ କୁରୁଂଟା ଗ୍ରାମର ସୁଶାନ୍ତ କୁମାର ସାହୁ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ



୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ । ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୦୩ ଗୋଟି ମାମଲା ରୁଜ୍ଜୁ କରାଯାଇଛି ।

# ପାଠ୍ୟ ପୁସ୍ତକରେ ତ୍ରୁଟିର ଅପରାଧିକ ତଦନ୍ତ ହେବ

## କ୍ରାଇମବ୍ରାଂଚ ଏସ୍.ପି.ଙ୍କ ନିକଟରେ ଏଫ୍.ଆଇ.ଆର୍ କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର : ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ତ୍ରୁଟି ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଏ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସମଗ୍ର ପ୍ରକ୍ରିୟା ଉପରେ ଅପରାଧିକ ତଦନ୍ତ (କ୍ରିମିନାଲ ଇନଭେଷ୍ଟିଗେସନ୍) କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ସ୍ୱତନ୍ତ୍ର ଭାବେ କ୍ରାଇମ ବ୍ରାଂଚ ଏସ୍.ପି.ଙ୍କ ନିକଟରେ ଏଫଆଇଆର ଦାୟର କରିବାକୁ ଏସସିଇଆରଟି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ପାଠ୍ୟ ପୁସ୍ତକ ତ୍ରୁଟିଜନିତ ବିଷୟର କାରଣ ଅନୁସନ୍ଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଏହି କମିଟିର ରିପୋର୍ଟ ଅନୁଯାୟୀ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ କରାଯାଇଥିଲା ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ।

# ଆସନ୍ତା ୫ ଦିନ ୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର : ଟ୍ରପ ଲାଇନ ପ୍ରଭାବରେ ବର୍ଷା ସମ୍ଭାବନା ଥିବା ବେଳେ ଆଗାମୀ ୫ ଦିନ ଯାଏ ବର୍ଷା ଲାଗିରହିବ । ରାଜ୍ୟରେ ମୌସୁମୀ ବର୍ଷା ମଧ୍ୟ ସକ୍ରିୟ ରହିଛି । ଫଳରେ ଆସନ୍ତା ୫ ଦିନଯାଏ କିଛି କିଛି ଜିଲ୍ଲାରେ ବିଜୁଳି ଘଡଘଡି ସହ ହାଲୁକରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଏପରିକି ଗୋଟେ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ଆସନ୍ତା ୨୪ ଘଂଟାରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ବେଳେ ମୟୁରଭଞ୍ଜ କେନ୍ଦୁଝର ଓ ସୁନ୍ଦରଗଡ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାସହ ଗଂଜାମ, ଗଜପତି , ନୟାଗଡ, ଖୋର୍ଦ୍ଧା,ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର, ଭଦ୍ରକ ଯାଜପୁର, ଦେଓଗଡ ସମ୍ବଲପୁର, ଝାରସୁଗୁଡା ଓ ବରଗଡ଼ ରେ ବିଜୁଳି ଘଡଘଡି ସହ୍ ବର୍ଷା ଓ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନା କୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆସନ୍ତାକାଲି ମୟୁରଭଞ୍ଜ ଓ କେନ୍ଦୁଝର ରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଗଂଜାମ, ଗଜପତି , ନୟାଗଡ, ଖୋର୍ଦ୍ଧା,ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ ଯାଜପୁର ଓ ବାଲେଶ୍ୱର ଏହି ୧୧ ଜିଲ୍ଲାରେ ହାଲୁକରୁ ମଧ୍ୟମ ଧରଣର ବର୍ଷା ସହ ୩୦ ରୁ ୪୦ କିମି ପବନ ବହିବାର ସମ୍ଭାବନାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ୧୫ ତାରିଖ ଯାଏ ରାଜ୍ୟରେ କିଛି କିଛି ଅଂଚଳରେ ବର୍ଷା ସହ ଗୋଟେ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଦେଇଛି ପାଣିପାଗ ବିଭାଗ । ଘୂର୍ଣ୍ଣିବଳୟ ଆସୁଥିବାରୁ ଏହା ପ୍ରଭାବରେ ବର୍ଷା ହୋଇପାରେ । ଆସନ୍ତା ୧୩ ରୁ ସାରା ରାଜ୍ୟରେ ବର୍ଷା ହେବାର ସଂଭାବନା ରହିଛି ।



# ନ୍ୟୁଜିଲ୍ୟାଣ୍ଡରେ ବ୍ୟବସାୟିକ ନେତୃବୃନ୍ଦଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

## ଦୁଇଦେଶ ଭିତରେ ବାଣିଜ୍ୟ କାରବାର ୩୫,୦୦୦ କୋଟିରେ ପହଂଚାଇବାକୁ ଆହ୍ୱାନ





ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଶ୍ରୀ କ୍ରିଷ୍ଟୋଫର ଲକ୍ସନ ଆଜି ପ୍ରମୁଖ କମ୍ପାନୀଗୁଡ଼ିକର ସିଇଓ ଏବଂ ବ୍ୟବସାୟିକ ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି । ଏହି ପାରସ୍ପରିକ ବାର୍ତ୍ତାଳାପ ସମୟରେ ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କକୁ ଅଧିକ ମଜବୁତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶର ସୁଯୋଗ ସୃଷ୍ଟି କରିବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ କହିଥିଲେ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡର ଜନତା ଗଣତାନ୍ତ୍ରିକ ମୂଲ୍ୟବୋଧ, ଆଇନର ଶାସନ ପ୍ରତି ସମ୍ମାନ, ବିବିଧତା ଏବଂ ସ୍ଥାୟୀ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରସ୍ପର ସହ ଜଡ଼ିତ, ଯାହା ଏକ ମହତ୍ୱାକାଂକ୍ଷୀ ଏବଂ ପ୍ରଗତିଶୀଳ ଆର୍ଥିକ ଭାଗିଦାରୀ ପାଇଁ ଦୃଢ଼ ଭିତିଭୂମି ପ୍ରଦାନ କରୁଛି । ସେ ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବ୍ୟବସାୟ ଚୁକ୍ତିକୁ ଏକ ମାଇଲଖୁଂଟ ଭାବରେ ବର୍ଣ୍ଣନା କରିଛନ୍ତି ଯାହା ଦ୍ୱିପାକ୍ଷିକ ଆର୍ଥିକ ସମ୍ପର୍କକୁ ଅଧିକ ଗଭୀର ଓ ଗତିଶୀଳ କରିବ ଏବଂ ବଜାର ପ୍ରବେଶ, ପୁଞ୍ଜିନିବେଶ, ସେବା, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିଭା ସ୍ଥାନାନ୍ତର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ପ୍ରଧାନମନ୍ତ୍ରୀ ମୋଦୀ ଭାରତର ନିରନ୍ତର ଉଚ୍ଚ ଅଭିବୃଦ୍ଧି ସହିତ ଯୁବ ଓ ଦକ୍ଷ କାର୍ଯ୍ୟବଳ, ବିସ୍ତାରିତ ମଧ୍ୟବିତ ଶ୍ରେଣୀ, ଡିଜିଟାଲ୍ ବିପ୍ଳବ, ପରବର୍ତ୍ତୀ ପିଢ଼ିର ଭିତିଭୂମି ବିକାଶ ଏବଂ ନିରନ୍ତର ଆର୍ଥିକ ସଂସ୍କାର, ସମ୍ପର୍କରେ ଗୁରୁତ୍ୱାରୋପ କରି ଏହା ନ୍ୟୁଜିଲ୍ୟାଣ୍ଡର କମ୍ପାନୀଗୁଡ଼ିକ ପାଇଁ ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ନବୋନ୍ମେଷ ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରୁଛି ବୋଲି କହିଥିଲେ । ସେ ଉଲ୍ଲେଖ କରିଛନ୍ତି ଯେ ରାଜନୈତିକ ସ୍ଥିରତା ଏବଂ ନିରନ୍ତର ଅଭିବୃଦ୍ଧି ପଥ ଭାରତକୁ ବିଶ୍ୱ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନକାରୀ ଭାବରେ ପ୍ରତିଷ୍ଠିତ କରିଛି । ସେ ନ୍ୟୁଜିଲ୍ୟାଣ୍ଡର ନିବେଶକ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ଭିତିଭୂମି ବିକାଶ, ବେସାମରିକ ବିମାନ ଚଳାଚଳ, ଲଜିଷ୍ଟିକ୍ସ, ସ୍ୱଚ୍ଛ ଶକ୍ତି, ସହରୀ ଗତିଶୀଳତା, ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ଅର୍ଥନୀତି କ୍ଷେତ୍ରରେ ଭାରତ ସହ ଭାଗିଦାରୀ ହେବାକୁ ଆମନ୍ତ୍ରଣ କରିଛନ୍ତି । ଭାରତର ସୁଦୃଢ଼ ଷ୍ଟାର୍ଟ-ଅପ୍ ପରିବେଶ ବିଷୟରେ ଉଲ୍ଲେଖ କରି ସେ ନବୋନ୍ମେଷ, ଫିନଟେକ୍ ଏବଂ ବିକାଶମୁଖୀ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଉଭୟ ଦେଶର ବେସରକାରୀ କ୍ଷେତ୍ର ମଧ୍ୟରେ ଅଧିକ ନିବିଡ଼ ସମ୍ପର୍କ ପାଇଁ ଆହ୍ୱାନ ଦେଇଛନ୍ତି । ଦୁଗ୍ଧ ବିଜ୍ଞାନ, ଉଦ୍ୟାନ କୃଷି ଏବଂ ବନୀକରଣ କ୍ଷେତ୍ରରେ ନ୍ୟୁଜିଲ୍ୟାଣ୍ଡର ଦକ୍ଷତା ଏବଂ ଭାରତର ଗ୍ରାହକ ବଜାର, ଫୁଡ୍ ପାର୍କ ଏବଂ ଏଗ୍ରି-ଟେକ୍ ପ୍ରତିଭା ଏକାଠି ହୋଇ ବିଶ୍ୱ ସ୍ତରୀୟ ଖାଦ୍ୟ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ଉଚିତ ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ବ୍ୟବସାୟଗୁଡ଼ିକୁ ପୁଞ୍ଜିନିବେଶ ଏବଂ ବାଣିଜ୍ୟିକ ଭାଗିଦାରୀ ସମ୍ପ୍ରସାରଣ କରିବା ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ପରିମାଣକୁ ଦ୍ୱିଗୁଣିତ କରି ୭ ବିଲିୟନ ନ୍ୟୁଜିଲାଣ୍ଡ ଡଲାର ଅର୍ଥାତ୍ ପ୍ରାୟ ୩୫,୦୦୦ କୋଟି ଟଙ୍କାର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବାକୁ ଉତ୍ସାହିତ କରିଛନ୍ତି । ଭାରତ-ନ୍ୟୁଜିଲ୍ୟାଣ୍ଡ ଆର୍ଥିକ ଭାଗିଦାରୀ ସମାବେଶୀ ଏବଂ ସ୍ଥାୟୀ ବାଣିଜ୍ୟ ପାଇଁ ଏକ ମଡେଲ୍ ଏବଂ ନବୋନ୍ମେଷ ଓ ସମୃଦ୍ଧି ପାଇଁ ଏକ ମଂଚ ହୋଇପାରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଭାରତୀୟ ଆଇଟି ଶିଳ୍ପ ଏବେ ସେବା ରୂପେ ଏଆଇ ଆଡ଼କୁ ଗତି କରିବା ଜରୁରୀ: ଅଶ୍ୱିନୀ ବୈଷ୍ଣବ




ନୂଆଦିଲ୍ଲୀ : କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ରେଳ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଭାରତୀୟ ଆଇଟି ଶିଳ୍ପକୁ ଏକ ସଫ୍ଟୱେର୍ ସେବା-ନେତୃତ୍ୱାଧୀନ ମଡେଲ୍ ରୁ 'ସେବା ରୂପେ ଏଆଇ' ମଡେଲରେ ପରିବର୍ତ୍ତନ କରିବାକୁ ଆହ୍ୱାନ କରିଛନ୍ତି, ଯାହା ଦ୍ୱାରା ଭାରତର ଦକ୍ଷ ପ୍ରତିଭା ଉତ୍ସର ଉପଯୋଗ କରାଯାଇପାରିବ । ଶ୍ରୀ ବୈଷ୍ଣବ ହାଇଦ୍ରାବାଦରେ ହାଇଦ୍ରାବାଦ ସଫ୍ଟୱେର୍ ଏ[ରପ୍ରାଇଜେସ୍ ଅ।ସୋ।ସିଏସନ୍ (ଏଚୱାଇଏସଇଏ) ଦ୍ୱାରା ଆୟୋଜିତ 'ବିକଶିତ ଭାରତ ୨୦୪୭ ନିର୍ମାଣରେ ପ୍ରଯୁକ୍ତିର ଭୂମିକା' ଶୀର୍ଷକ ଏକ ଶିଳ୍ପ ନେତା ଟାଉନହଲରେ ଉଦବୋଧନ ଦେଉଥିଲେ । ଏହି କାର୍ଯ୍ୟକ୍ରମ ପରେ ଶିଳ୍ପ ନେତାମାନଙ୍କ ସହିତ ଏକ ଗୋଲଟେବୁଲ ଆଲୋଚନା ହୋଇଥିଲା । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଶ୍ରୀ ଜି. କିଶନ ରେଡ୍ଡି ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶିଳ୍ପ ନେତାମାନଙ୍କୁ ସମ୍ବୋଧିତ କରି ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଭାରତର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ କୃତ୍ରିମ ବୁଦ୍ଧିମତା, ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ଏବଂ ଉନ୍ନତ ଭିତିଭୂମି ଦ୍ୱାରା ପରିଚାଳିତ ହେବ, ଯାହା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ସହିତ ସମନ୍ୱିତ । କୃତ୍ରିମ ବୁଦ୍ଧିମତା ଆଇଟି ଶିଳ୍ପକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି ବୋଲି କହି ମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ନୂତନ ଏଆଇ ମଡେଲ୍ ନୂତନ କ୍ଷମତା ଏବଂ ସୁଯୋଗ ଆଣିଥାଏ । ସେ ଉଲ୍ଲେଖ କରିଥିଲେ ଯେ ଭାରତର ସବୁଠାରୁ ବଡ଼ ଶକ୍ତି ଶିଳ୍ପଗୁଡ଼ିକୁ ବୁଝିବା, ସମସ୍ୟା ଚିହ୍ନଟ କରିବା ଏବଂ ପ୍ରଭାବଶାଳୀ ପ୍ରଯୁକ୍ତିବିଦ୍ୟା-ଚାଳିତ ସମାଧାନ ପ୍ରଦାନ କରି ବିଶ୍ୱ ସ୍ତରରେ ଅର୍ଜନ କରିଥିବା ବିଶ୍ୱାସରେ ରହିଛି । ଏକ ରଣନୈତିକ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଭାରତୀୟ ଆଇଟି ଶିଳ୍ପକୁ ଏବେ ସଫ୍ଟୱେର୍-ଆଜ୍-ଏ-ସର୍ଭିସ୍ ମଡେଲ୍ ଠାରୁ ଆଗକୁ ବଢ଼ି ଏଆଇକୁ ସେବା ଭାବରେ ପ୍ରଦାନ କରିବା ଦିଗରେ ବିକଶିତ ହେବାକୁ ପଡିବ । ସେ କହିଛନ୍ତି ଯେ ଏହି ପରିବର୍ତ୍ତନ ଶିଳ୍ପ ଏବଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଘନିଷ୍ଠ ସହଯୋଗ ମାଧ୍ୟମରେ ହେବା ଉଚିତ । ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ନାସକମ୍, ସରକାରଙ୍କ ସହଭାଗୀତାରେ, ଏକ ବ୍ୟାପକ ଏଆଇ ପାଠ୍ୟକ୍ରମ ବିକଶିତ କରିଛି ଯାହା ଶିକ୍ଷା ମନ୍ତ୍ରଣାଳୟ ଏବଂ ଏଆଇସିଟିଇ ସହିତ ଅଂଶୀଦାର କରାଯାଇଛି ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ କୃତ୍ରିମ ବୁଦ୍ଧିମତାର ସଦ୍ୟତମ ବିକାଶ ସହିତ ପରିଚିତ ହୋଇପାରିବେ ।

# ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆୟୋଜିତ ଭାରତ-ନ୍ୟୁଜିଲ୍ୟାଣ୍ଡ ସହଭାଗିତା ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ମାନ୍ୟବର କ୍ରିଷ୍ଟୋଫର ଲକ୍ସନଙ୍କ ଦ୍ୱାରା ଆୟୋଜିତ 'ଭାରତ-ନ୍ୟୁଜିଲ୍ୟାଣ୍ଡ: ଏକ ବିଜୟୀ ସହଭାଗିତା' ଶୀର୍ଷକ ସ୍ୱତନ୍ତ୍ର ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜନୀତି, ବ୍ୟବସାୟ, ଶିଳ୍ପ, ଶିକ୍ଷା, ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଏବଂ କଳା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ଲକ୍ସନ୍ ତାଙ୍କ ସ୍ୱାଗତ ଭାଷଣରେ ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଥିବା ଗଭୀର ଏବଂ ଦୀର୍ଘସ୍ଥାୟୀ ସମ୍ପର୍କକୁ ଉଲ୍ଲେଖ କରିଥିଲେ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ସହ ପାରସ୍ପରିକ ସମୃଦ୍ଧିକୁ ଆଗେଇ ନେବା ପାଇଁ ଏକ ସାମୂହିକ ଦୃଷ୍ଟିଭଙ୍ଗୀ ଉପସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ଉଭୟ ଦେଶ ମଧ୍ୟରେ ଥିବା ପରସ୍ପର ପରିପୂରକତା ଏବଂ ଦୀର୍ଘଦିନର ପାରସ୍ପରିକ ଜନ-ସମ୍ପର୍କକୁ ଉଲ୍ଲେଖ କରିଥିଲେ । ସେ ଦ୍ୱିପାକ୍ଷିକ ସମ୍ପର୍କକୁ 'ରଣନୀତିକ ଭାଗିଦାରୀ' ସ୍ତରକୁ ଉନ୍ନୀତ କରାଯାଇଥିବାକୁ ସ୍ୱାଗତ କରିବା ସହ ଏହା ଚାଲିଥିବା ସହଯୋଗକୁ ଆହୁରି ସୁଦୃଢ଼ କରିବ ବୋଲି ବିଶ୍ୱାସ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ରେକର୍ଡ ସମୟ ମଧ୍ୟରେ ସମ୍ପନ୍ନ ହୋଇଥିବା ଭାରତ-ନ୍ୟୁଜିଲ୍ୟାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫଟିଏ) ଉଭୟ ଦେଶର ବ୍ୟବସାୟୀ, ଯୁବବର୍ଗ ଓ କୃଷକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ହାସଲରେ ସହାୟକ ହେବ । ମଧ୍ୟାହ୍ନ ଭୋଜନ ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପ୍ରଧାନମନ୍ତ୍ରୀ ଲକ୍ସନ କାର୍ଯ୍ୟକ୍ରମ ସ୍ଥଳରେ ପ୍ରଦର୍ଶିତ ଅଭିନବ କ୍ରୀଡ଼ା ସରଞ୍ଜାମଗୁଡ଼ିକୁ ପରିଦର୍ଶନ କରିଥିଲେ । ସେମାନେ ନ୍ୟୁଜିଲ୍ୟାଣ୍ଡର ସମ୍ମାନିତ କ୍ରୀଡ଼ାବିତ୍, ଉଚ୍ଚ ପ୍ରଦର୍ଶନକାରୀ କ୍ରୀଡ଼ା ସହ ଜଡିତ ଅନ୍ୟାନ୍ୟ ହିତାଧିକାରୀଙ୍କ ସହ ମଧ୍ୟ ମତବିନିମୟ କରିଥିଲେ । ଉଭୟ ଦେଶ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ୧୦୦ ବର୍ଷର ସମ୍ପର୍କକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଏହି ଗସ୍ତ ସମୟରେ ସମ୍ପନ୍ନ ହୋଇଥିବା 'କ୍ରୀଡ଼ା ମିଳିତ କାର୍ଯ୍ୟଯୋଜନା' ଉଭୟ ଦେଶ ମଧ୍ୟରେ କ୍ରିକେଟ୍ ବ୍ୟତୀତ ଅନ୍ୟାନ୍ୟ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରିବ । ବିଶେଷକରି ୨୦୩୦ କମନୱେଲଥ ଗେମ୍ସ ଆୟୋଜନ ପାଇଁ ଭାରତ ପ୍ରସ୍ତୁତି ଚଳାଇଥିବା ପରିପ୍ରେକ୍ଷୀରେ କ୍ରୀଡ଼ା ସହଯୋଗକୁ ସମ୍ପ୍ରସାରିତ କରିବାକୁ ଉଭୟ ପକ୍ଷର ଇଚ୍ଛାକୁ ଏହି ଗସ୍ତ ପ୍ରତିଫଳିତ କରିଥିଲା ।

# ଓଡ଼ିଶାରେ ସ୍ୱଳ୍ପ-କାର୍ବନ ନିର୍ମାଣ ପାଇଁ ସେଂଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର : ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ,ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଂଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍ସଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଂଟ' ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ , ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ,ସହରୀ ବିକାଶ କେବଳ ଭୌତିକ ଭିତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଂଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତ୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ । ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏହି ସେଂଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଏବଂ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ ।

# ଡିଜିଟାଲ ବ୍ୟବସାୟ ଜରିଆରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରୁଛି ଇ-ସରସ ଅନଲାଇନ୍ ବଜାର ଓ ମେଳା

ନୂଆଦିଲ୍ଲୀ : ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ୧୧ ବର୍ଷ ପୂରଣ ହୋଇଥିବା ବେଳେ ଇ-ସରସ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ପାଲଟିଛି । ଇ-ସରସ ହେଉଛି ସରକାରଙ୍କ ସମର୍ଥିତ ଏକ ଡିଜିଟାଲ ବ୍ୟବସାୟ ପ୍ଲାଟଫର୍ମ । ଏହା ସାରା ଦେଶର ଗ୍ରାମୀଣ ଉତ୍ପାଦକ ଏବଂ ଗ୍ରାହକମାନଙ୍କୁ ଯୋଡ଼ିଥାଏ । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଅଧୀନ ଡିଜିଟାଲ ଇଣ୍ଡିଆ କର୍ପୋରେସନ ଦ୍ୱାରା ଏହାକୁ ବିକଶିତ କରାଯାଇଛି । ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ଇ-ସରସକୁ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ଲାଟଫର୍ମ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି), ମହିଳା ଉଦ୍ୟୋଗୀ, ଉତ୍ପାଦ ସଂଗ୍ରାହକ, କୃଷି ଉତ୍ପାଦନ ସଂଗଠନଗୁଡ଼ିକୁ ଏକ ବିଶ୍ୱସ୍ତ ଡିଜିଟାଲ ବଜାର ଯୋଗାଇ ଦେଇଛି । ଏହା ଦୀର୍ଘସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ସହିତ ସମାବେଶୀ ଡିଜିଟାଲ ବିକାଶର ଲକ୍ଷ୍ୟକୁ ସାକାର କରୁଛି । ଏହି କାର୍ଯ୍ୟକ୍ରମରେ ୮.୯୯କୋଟିରୁ ଅଧିକ ପଞ୍ଜିକୃତ ଏସଏଚଜିସଦସ୍ୟ ସାମିଲ ହୋଇଛନ୍ତି । ଫଳରେ ଏହା ବିଶ୍ୱର ସର୍ବବୃହତ ମହିଳା ନେତୃତ୍ୱାଧୀନ ଜୀବିକା ଇକୋସିଷ୍ଟମ ମଧ୍ୟରୁ ଅନ୍ୟତମ ପାଲଟିଛି । ଏହି ପ୍ଲାଟଫର୍ମରେ ୧,୪୦୦ରୁ ଅଧିକ ଉତ୍ପାଦ ବିକ୍ରି ପାଇଁ ଉପଲବ୍ଧ ରହିଛି । ୮୦୦ରୁ ଅଧିକକ୍ରେତା ଡିଜିଟାଲ ବ୍ୟବସାୟ ପାଇଁ ଓପନ ନେଟୱାର୍କ ବା ଓଏନଡିସି ଆଧାରିତ କ୍ରେତା ଆପ୍ଲିକେସନ୍ ମାଧ୍ୟମରେ ଏସଏଚଜିଉତ୍ପାଦଗୁଡ଼ିକୁ ପାଇପାରୁଛନ୍ତି । ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ୫୦ରୁ ଅଧିକ ସରସମେଳା ଆୟୋଜନ କରାଯାଉଛି । ଇ-ସରସ ପ୍ଲାଟଫର୍ମ ଗ୍ରାମୀଣ ମହିଳା ଉଦ୍ୟୋଗୀ ଏବଂ ଏସଏଚଜି ଗୋଷ୍ଠୀ ସଦସ୍ୟାମାନଙ୍କୁ ଡିଜିଟାଲ ବ୍ୟବସାୟ ଜରିଆରେ ସେମାନଙ୍କ ଉତ୍ପାଦ ନିମନ୍ତେ ସାରା ଦେଶରୁ ଗ୍ରାହକ ଯୋଗାଡ଼ କରିବାରେ ସହାୟକ ହେଉଛି । ଏହା ବିଶ୍ୱସ୍ତ 'ଲୋକ୍ ଓଏସ୍' ଇକୋସିଷ୍ଟମ ଜରିଆରେ ଡିଜିଟାଲ ଅନବୋର୍ଡିଂ ସୁବିଧା ପ୍ରଦାନ କରୁଛି । ଏହି ବ୍ୟବସ୍ଥାରେ ଭାଷିନୀ ଜରିଆରେ ବହୁଭାଷୀ ସୁବିଧା, ସୁରକ୍ଷିତ ଡିଜିଟାଲ ପେମେ[, ସମନ୍ୱିତ ଲଜିଷ୍ଟିକ୍ସ, ଅନଲାଇନ ଉତ୍ପାଦ କାଟାଲଗ୍ ଭଳି ସୁବିଧା ମିଳୁଛି । ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ସମର୍ଥନ କରି ଏହି ପ୍ଲାଟଫର୍ମ ୨୦୨୯ ସୁଦ୍ଧା ସରକାରଙ୍କ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ସମର୍ଥନ କରୁଛି । ଇ-ସରସଏସଏଚଜିଏବଂ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଗୁଡ଼ିକୁ ବର୍ଷସାରା ରାଜସ୍ୱ ସୃଷ୍ଟି କରିବାରେ ସକ୍ଷମ କରି ଆୟକୁ ବିବିଧ କରିବାରେ ସାହାଯ୍ୟ କରେ । ଏହି ପ୍ଲାଟଫର୍ମ ଖାଦ୍ୟ ପ୍ରକ୍ରିୟାକରଣ, କୃଷିଭିତିକ ଉଦ୍ୟୋଗ, ହସ୍ତଶିଳ୍ପ, ହସ୍ତତନ୍ତ, ମହୁ, ଦୁଗ୍ଧଜାତ ଦ୍ରବ୍ୟ, ଔଷଧୀୟ ଉତ୍ପାଦ, ବ୍ୟକ୍ତିଗତ ପ୍ରସାଧନ ସାମଗ୍ରୀ ଏବଂ ଗୃହ ସାଜସଜ୍ଜା ସମେତ ବିଭିନ୍ନ ପ୍ରକାରର ଜୀବିକା କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରେ । ବଜାର ସୁବିଧା ଯୋଗାଇବା ବ୍ୟତୀତ, ଇ-ସରସଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଉତ୍ପାଦଗୁଡ଼ିକୁ ବଜାରକୁ ଆଣିବା ପୂର୍ବରୁ ସେମାନଙ୍କର ମୂଲ୍ୟ ବୃଦ୍ଧି କରିବାକୁ ଉତ୍ସାହିତ କରେ । ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କଂ*ାମାଲ୍ ବିକ୍ରି କରିବା ପରିବର୍ତ୍ତେ କୃଷି ଉତ୍ପାଦଗୁଡ଼ିକୁ ଚିପ୍ସ, ପାପଡ଼, ଆଚାର, ଜାମ୍, ସ୍କ୍ୱାସ୍, କ୍ୟାଣ୍ଡି, ପ୍ୟାକେଜ୍ ମସଲା, ପ୍ରକ୍ରିୟାକୃତ ଡାଲି ଏବଂ ବୋତଲବନ୍ଦ ମହୁ ଭଳି ଉଚ୍ଚ-ମୂଲ୍ୟର ଉତ୍ପାଦରେ ପ୍ରକ୍ରିୟାକରଣ ଓ ପ୍ୟାକେଜିଂ କରି ବଜାରକୁ ଛାଡ଼ି ପାରୁଛନ୍ତି । ଏହା ମଧ୍ୟ ଡିଜିଟାଲ ଉଦ୍ୟୋଗ ବିକାଶ ପାଇଁ କ୍ଷମତା ବିକାଶରେ ସହାୟକ ହେଉଛି ।

# ଇଂଲଣ୍ଡ-ଭାରତ ପଂଚମ ଟି-୨୦ : ଭାରତ ଆଗରେ ୨୫୮ ରନ୍‌ର ବିଜୟ ଲକ୍ଷ୍ୟ






ସାଉଥମ୍ପଟନ୍: ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ପଂଚମ ତଥା ଶେଷ ମୁକାବିଲା ଆଜି ଖେଳାଯାଉଛି । ଉଭୟ ଟିମ୍ ମଧ୍ୟରେ ଏହି ମ୍ୟାଚ୍ ସାଉଥମ୍ପଟନର ଦ ରୋଜ୍ ବାଉଟ୍‌ରେ ଆୟୋଜନ ହୋଇଛି । ଏହି ମୁକାବିଲାରେ ଟସ୍ ଜିଣି ଭାରତ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଗୋଟିଏ ୩ଟି ହରାଇ ୨୫୭ ରନ୍ କରିଛି । ଏହି ସ୍କୋରରେ ଜୋସ୍ ବଟଲରଙ୍କ ଶତକ ସାମିଲ ରହିଛି । ଭାରତ ଏହି ମ୍ୟାଚ୍ ଜିତିବା ପାଇଁ ୨୫୮ ରନ୍ ଦରକାର କରୁଛି । ଇଂଲଣ୍ଡ ପାଇଁ ଜୋସ ବଟଲର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ଶିଭମ ଦୁବେଙ୍କ ବଲ୍ ଶ୍ରେୟସ ଆୟରଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ସେ ୬୪ଟି ବଲ୍ ଖେଳି ଥିଲେ । ଏଥିରୁ ସେ ୧୨ଟି ଚୌକା ଏବଂ ୮ଟି ଛକା ସହାୟତାରେ ୧୩୧ ରନ୍ ସଂଗ୍ରହ କରିଥିଲେ । ସେହିପରି ହେରି ବ୍ରୋକ୍ ଇଂଲଣ୍ଡ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲେ । ସେ ଅପରାଜିତ ରହି ୯୫ ରନ୍ ସଂଗ୍ରହ କରିଥିଲେ । ୪୫ଟି ବଲ୍ ଖେଳି ୪ଟି ଚୌକା ଏବଂ ୮ଟି ଛକା ମାରିଥିଲେ । ଜାକୋବ ବେଥେଲ ଗୋଟିଏ ବଲ୍ ଖେଳି ଶିଭମ ଦୁବେଙ୍କ ବଲ୍‌ରେ ତିଲକ ବର୍ମାଙ୍କୁ କ୍ୟାଚ୍ ଦେଇ ଅ।ଉଟ୍, ହୋଇଥିଲେ । ୱିଲ୍ ଜ୍ୟାକ୍ ୨ଟି ବଲ୍ ଖେଳି ଅପରାଜିତ ୭ରନ୍ କରିଥିଲେ । ଇଂଲଣ୍ଡ ପାଇଁ ଫିଲିପ୍ ସଲ୍ଟ ଏବଂ ଜୋସ ବଟଲର ବ୍ୟାଟିଂ ଆରମ୍ଭ କରିଥିଲେ । ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୮ ରନ୍‌ରେ କରିଥିଲେ । ଭାରତର ପ୍ରଥମ ଶିକାର ହୋଇଥିଲେ ଫିଲିପ୍ ସଲ୍ଟ । ପ୍ରସିଦ୍ଧ କୃଷ୍ଣାଙ୍କ ବଲ୍‌ରେ ଆଉଟ୍ ହେବା ପୂର୍ବରୁ ସେ ୯ଟି ବଲ୍ ଖେଳି ଗୋଟିଏ ଚେ ?କା ସହାୟତାରେ ୬ ରନ୍ ସଂଗ୍ରହ କରିଥିଲେ ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି